୨୨ ନଭେମ୍ବର ୨୦୨୬ ରବିବାର

ସମସ୍ତ ଓଡ଼ିଶା



ଧରମ ମାସ



ଓଡ଼ିଆ ଭାଷାର ୧୨ ମାସ ଭିତରେ ସର୍ବଶ୍ରେଷ୍ଠଭାବେ ପରିଗଣିତ ହୋଇଥାଏ କାର୍ତ୍ତିକ ମାସ, ଯାହାକୁ ଧର୍ମମାସ ଭାବେ ସମ୍ବୋଧନ କରାଯାଇଥାଏ। ଏହି ମାସାରେ ଓଡ଼ିଶାରେ ପାଳନ ହୋଇଥାଏ କିଛି ସ୍ୱତନ୍ତ୍ର ନୀତିକାନ୍ତି ଯାହା ଅନ୍ୟ କେଉଁଠି ଦେଖିବାକୁ ମିଳିନଥାଏ । ସେହିସବୁ ସ୍ୱତନ୍ତ୍ର ଧର୍ମୀୟ ନୀତିକାନ୍ତିକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

ସର୍ବଶ୍ରେଷ୍ଠ ମାସ ଭାବେ କାର୍ତ୍ତିକ ମାସର ରହିଛି ବିଶେଷ ମାହାତ୍ମ୍ୟ । ଏହାକୁ ଧର୍ମ ମାସ ଭାବେ ବିବେଚନା କରାଯିବା ସହିତ ଏହି ମାସରେ ଅନେକ ଧର୍ମୀୟ ଅନୁଷ୍ଠାନ ପାଳନ କରାଯାଇଥାଏ । ଏହି ମାସରେ ପ୍ରତିଦିନ ଶ୍ରଦ୍ଧାଳୁଙ୍କର ବିଭିନ୍ନ ପୂଜାଅର୍ଚ୍ଚନା ଲାଗିରହିଥାଏ, ଯାହା ପୁରପଲ୍ଲୀର ପରିବେଶକୁ ଭକ୍ତିମୟ କରିଥାଏ । ହିନ୍ଦୁ ମାନଙ୍କ ପାଇଁ କାର୍ତ୍ତିକ ମାସ ସର୍ବଶ୍ରେଷ୍ଠ ମାସ ଅଟେ । ସବୁଠାରୁ ଅଧିକ ଧର୍ମ ତଥା ପୁଣ୍ୟ ମାସ ହୋଇଥିବାରୁ ମାସସାରା ପୂଜା ଅର୍ଚ୍ଚନା କରାଯାଇଥାଏ । ଏହି ମାସରେ ବିଭିନ୍ନ ପୂଜା ଯେପରି ବାଲୁଙ୍କା ପୂଜା, ପଞ୍ଚୁକ, କାର୍ତ୍ତିକ ପୂର୍ଣ୍ଣିମା, ବୋଇତ ବନ୍ଦାଣ ଆଦି ପାଳନର ବିଧି ରହିଛି । ଏହି ମାସରେ ହବିଷ୍ୟ କରାଯିବାର ବିଧି ରହିଛି । ଯେଉଁ ବିଧିରେ ହବିଷ୍ୟାଳୀମାନେ ରାଇଦାମୋଦରଙ୍କୁ ତୁଳସୀ ଚଉରାମୂଳେ ପୂଜା କରନ୍ତି । ଲୋକଙ୍କର ବିଶ୍ୱାସ ରହିଛି, କାର୍ତ୍ତିକ ମାସରେ ବ୍ରତ ପାଳନ କଲେ ସୁଖମୟ ଓ ନିରାମୟ ଜୀବନଯାପନ ସହିତ ମୋକ୍ଷ ପ୍ରାପ୍ତି ହୋଇଥାଏ । ସେହିଭଳି କାର୍ତ୍ତିକ ମାସକୁ ଭଗବାନ ଶିବଙ୍କର ମଧ୍ୟ ପ୍ରିୟ ମାସ ବୋଲି ବିବେଚନା କରାଯାଇଥାଏ । କୁମାର ପୂର୍ଣ୍ଣିମା ପରଦିନ ଠାରୁ କାର୍ତ୍ତିକ ମାସ ଆରମ୍ଭ ହୋଇଥାଏ। ଏହି ମାସରେ ସମସ୍ତ ରୀତିନୀତିକୁ ଖୁବ କଠୋର ଭାବେ ଶ୍ରଦ୍ଧାଳୁମାନେ ପାଳନ କରନ୍ତି । ପୁରାଣରେ ବର୍ଣ୍ଣନା ଅନୁସାରେ ଭଗବାନ ବିଷ୍ଣୁ ଆଷାଢ ଶୁକ୍ଳ ଏକାଦଶୀ ଦିନ ନିଦ୍ରା ଯାଇ କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଜାଗ୍ରତ ହୋଇଥାଆନ୍ତି। ଏହାକୁ ରାଇଦାମଦୋର ମାସ ବୋଲି ମଧ୍ୟ ସମ୍ବୋଧନ କରାଯାଇଥାଏ । ଏହି ମାସରେ ସକାଳର ସ୍ନାନକୁ ବହୁତ ଶୁଭ ବୋଲି କୁହାଯାଏ । ଏହି ମାସରେ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ କରିବା ଦ୍ୱାରା ସମସ୍ତ ସୁଖ ପ୍ରାପ୍ତି ହେବା ସହିତ ଆରୋଗ୍ୟ ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି ଦିନ ବିଶେଷଭାବେ ବିଧବା ନାରୀମାନେ ହବିଷ୍ୟ ବ୍ରତ ପାଳନ କରିବାର ବିଧି ରହିଛି।









ମାସସାରା ସେମାନେ ସକାଳୁ ଉଠି ନିଜ ନିତ୍ୟକର୍ମ ସାରି ତୁଳସୀ ଚଉରା ମୂଳେ ରାଇଦାମଦୋର ପୂଜା କରିବାର ବିଧି ରହିଛି। ତୁଳସୀ ଚଉରା ମୂଳେ ରଙ୍ଗବେରଙ୍ଗର ମୁରୁଜରେ ଜଗନ୍ନାଥଙ୍କ ଚିତ୍ର ଆଙ୍କି ସେଠାରେ ରାଇଦାମଦୋର ପୂଜା କରାଯାଇଥାଏ । ଏହି ଦିନେ ହବିଷିଆଳି ମାନେ ହବିଷ ପ୍ରସ୍ତୁତ କରି ଦିନକୁ ଗୋଟିଏ ଥର ଖାଇଥାଆନ୍ତି । ଏହି ମାସରେ ଆମିଷ ସହିତ ଅନେକ ପରିବା ଓ ଉଷୁନା ଖାଇବାରେ ବାରଣ ଥାଏ । ଏହି ଦିନ ହବିଷିଆଳି ମାନେ ଅଲଗା ଭାବରେ ଅରୁଆ ଅନ୍ନ ସହିତ କବଳୀ, ସାରୁ, ମୁଗଡାଲି, ଓଉ ଓ ନଡିଆରୁ ଅଣଫୁଟା ଓ ଅଣହଳଦିଆ ଡାଲମା ପ୍ରସ୍ତୁତ କରନ୍ତି । ଏହି ଅନ୍ନ ଓ ଡାଲମାକୁ ଦିନରେ ଗୋଟିଏ ଥର ଖିଆଯାଇଥାଏ । କିଛି ସ୍ଥାନରେ କଦଳୀ ପତ୍ର କିମ୍ବା ପଥୁରାରେ ଏହି ଖାଦ୍ୟକୁ ପୂଜା ପରେ ଖିଆଯାଇଥାଏ । ସେହିଭଳି ଏହି ଦିନେ ହବିଷିଆଳିମାନେ କେବଳ ଅଗସ୍ତି ଶାଗ ଖାଇବାର ବିଧି ରହିଛି, ଅନ୍ୟ ଶାଗ ଏହି ଦିନେ ଖାଇବା ବର୍ଜନ ହୋଇଥାଏ । ସେହିଭଳି ରାତ୍ରି ଭୋଜନରେ କେବଳ ଫଳ ଖାଇଥାଆନ୍ତି, କିଛି ସ୍ଥାନରେ ଏହା ମଧ୍ୟ ବାରଣ ରହିଥାଏ । ଏହି ଦିନ କାର୍ତ୍ତିକ ବ୍ରତ ବା କାର୍ତ୍ତିକ ମହାତ୍ମ୍ୟ ବହି ପଢାଯିବାର ବିଧି ରହିଛି । ଏହି ଦିନମାନଙ୍କରେ ପ୍ରତି ମନ୍ଦିରରେ ଖୁବ ଭିଡ ଦେଖିବାକୁ ମିଳିଥାଏ । ବିଶେଷଭାବେ ସୋମବାରରେ ଶିବ ମନ୍ଦିରରେ ଭିଡ ପରିଲକ୍ଷିତ ହୋଇଥାଏ ।

ପଞ୍ଚୁକ

କାର୍ତ୍ତିକ ମାସର ଶେଷ ପାଞ୍ଚଦିନକୁ ପଞ୍ଚୁକ ବୋଲି ବିବେଚନା କରାଯାଇଥାଏ । ଏହି ପାଞ୍ଚ ଦିନ ହେଉଛି ସ୍ୱତନ୍ତ୍ର ଦିନ । ଏହି ପାଞ୍ଚ ଦିନ ପ୍ରାୟ ସମସ୍ତେ ଆମିଷ ବକ୍ଷଣକୁ ବର୍ଜନ କରିବା ସହିତ ଅରୁଆ ଖାଇ ପାଳିଥାଆନ୍ତି । ଘରେଘରେ ଏହି ପାଞ୍ଚଦିନ ପୂଜା ହେଉଥିବାର ଦେଖିବାକୁ ମିଳେ । ଏହି ୫ ଦିନ ଅନେକ ଶ୍ରଦ୍ଧାଳୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ପୁରୀ ଗସ୍ତ କରିଥାଆନ୍ତି । କଥାରେ ଅଛି ବଗ ବି ପଞ୍ଚୁକ ପାଳନ କରି ଆମିଷ ତ୍ୟାଗ କରିଥାଏ । ଏହି ପାଞ୍ଚଦିନ ଓଡ଼ିଶାର ସମସ୍ତେ ବେଶ୍ ଶ୍ରଦ୍ଧାର ସହିତ ପାଳନ କରନ୍ତି । ଏହି ଦିନ ଶ୍ରୀଜଗନ୍ନାଥଙ୍କର ମଧ୍ୟ ସ୍ୱତନ୍ତ୍ର ନୀତିକାନ୍ତି ପାଳନ ହୋଇଥାଏ । ଏହି ସମୟରେ ଜଗନ୍ନାଥଙ୍କର ଭିନ୍ନଭିନ୍ନ ବେଶ ଅନୁଷ୍ଠିତ ହୋଇଥାଏ । ପଞ୍ଚୁକରେ ପାଞ୍ଚ ପ୍ରକାର ବେଶରେ ମହାପ୍ରଭୁ ଦର୍ଶନ ଦେଇଥାଆନ୍ତି । କାର୍ତ୍ତିକ ଶୁକ୍ଳ ଏକାଦଶୀରେ ତ୍ରିମୂର୍ତ୍ତି ଲକ୍ଷ୍ମୀ ନାରାୟଣ ବେଶରେ ଦର୍ଶନ ଦେଇଥାଆନ୍ତି । ଏହାପରେ ଦ୍ୱାଦଶୀ ତିଥିରେ ବାଙ୍କଚୂଳ ବେଶ, ତ୍ରୟଦଶୀରେ ତ୍ରିବିକ୍ରମ, ଚତୁର୍ଦ୍ଦଶୀ ତିଥିରେ ଲକ୍ଷ୍ମୀ ନୃସିଂହ, ପୂର୍ଣ୍ଣିମା ତିଥିରେ ରାଜରାଜେଶ୍ୱରୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାଆନ୍ତି । ଏହା ପଞ୍ଚୁକର ଶେଷଦିନ ବା କାର୍ତ୍ତିକ ପୂର୍ଣ୍ଣିମୀ ହୋଇଥାଏ। ପଞ୍ଚୁକରେ ସମସ୍ତଙ୍କ ଘରେ ଚଉରାମୂଳେ ରଙ୍ଗବେରଙ୍ଗ ମୁରୁଜ ପଡିବାର ବିଧି ରହିଛି । ଚଉରା ମୂଳେ ତ୍ରିମୂର୍ତ୍ତିଙ୍କର ମୁରୁଜ ଚିତ୍ର ପୂଜା ପାଇଥାଆନ୍ତି । ସମସ୍ତେ ଖୁବ ଶ୍ରଦ୍ଧାର ସହିତ ଏହି ପାଞ୍ଚଦିନକୁ ପାଳନ କରନ୍ତି । ପୌରାଣିକ ମତରେ ପରମପିତା ବ୍ରହ୍ମା ଦେବର୍ଷି ନାରଦଙ୍କୁ କାର୍ତ୍ତିକ ମାସର ମହାତ୍ମ୍ୟ ବୁଝାଇଛନ୍ତି, ଯେଉଁଥିରେ ସେ ମାସମାନଙ୍କ ମଧ୍ୟରେ କାର୍ତ୍ତିକ, ଦେବତାମାନଙ୍କ ମଧ୍ୟରେ ଭଗବାନ ବିଷ୍ଣୁ ଏବଂ ତୀର୍ଥମାନଙ୍କ ମଧ୍ୟରେ ନାରାୟଣ ତୀର୍ଥ ବଦରିକାଶ୍ରମ ଶ୍ରେଷ୍ଠ ଅଟେ ବୋଲି କହିଛନ୍ତି । କାର୍ତ୍ତିକ ମାସ ଭଗବାନ ବିଷ୍ଣୁଙ୍କର ଅତିପ୍ରିୟ ମାସ । ତନ୍ମଧ୍ୟରୁ ଶେଷ ପାଞ୍ଚଦିନ ଅର୍ଥାତ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପବିତ୍ର ଦିବସ । ଏହି ପାଞ୍ଚଦିନକୁ ଭୀଷ୍ମ ପଞ୍ଚକ,











ବକ ପଞ୍ଚକ, ମହାପଞ୍ଚକ ଇତ୍ୟାଦି କୁହାଯାଏ ।

କାର୍ତ୍ତିକ ପୂର୍ଣ୍ଣିମା

କାର୍ତ୍ତିକ ମାସର ଶେଷ ତିଥି ହୋଇଥାଏ ପୂର୍ଣ୍ଣିମା । ଏହି ଦିନ ବ୍ରତଧାରୀଙ୍କର କାର୍ତ୍ତିକ ମାସର ସମାପନ ହୋଇଥାଏ । ଦିପାବଳୀ ଭଳି କାର୍ତ୍ତିକ ପୂର୍ଣ୍ଣିମା ଖୁବ ଶୁଭ ହୋଇଥାଏ । ଏହି ଦିନ ସକାଳୁ ଉଠି ଗାଧୋଇ ଡଙ୍ଗା ଭସାର ପ୍ରଥା ରହିଛି । ସେହିଭଳି କାର୍ତ୍ତିକ ପୂର୍ଣ୍ଣିମା ଦିନ ଭଗବାନଙ୍କ ମତ୍ସ୍ୟ ଅବତାର, ଭଗବାନ କାର୍ତ୍ତିକ ଓ ବୃନ୍ଦବତୀଙ୍କ ଜନ୍ମଦିନ ଭାବେ ମଧ୍ୟ ପାଳନ କରାଯାଇଥାଏ । ତେବେ ଏହି ଦିନ ସକାଳୁ ସକାଳୁ ପ୍ରତ୍ୟେକ ବ୍ୟକ୍ତି ଡଙ୍ଗା ଭସାଯିବାର ନୀତି ରହିଛି । ଏହି ଡଙ୍ଗାରେ ଚାଉଳ,ଗୁଆ,ପାନ, ରଖାଯାଇ ଏଥିରେ ଖଡିକାରେ ତୁଳା ଲଗାଯାଇ ପ୍ରସ୍ତୁତ କାଠି ପୋତାଯାଇ ଭସା ଯାଇଥାଏ । ଏହିସମୟରେ ଆକାମା ବୈ ପାନଗୁଆ ଥୋଇ। ପାନଗୁଆ ତୋର ମାସକ ଧରମ ମୋର ॥ ଗୀତ ବୋଲି କଦଳୀ ପଟୁକାରୁ ପ୍ରସ୍ତୁତ ଡଙ୍ଗା ଭସାଇଥାଆନ୍ତି। ତେବେ ଏହି ଦିନ ଅନ୍ୟ ଏକ ଖୁବ ବଡ ଉତ୍ସବ ପାଳନ ହୋଇଥାଏ, ଯାହାର ନାଁ ବୋଇତ ବନ୍ଦାଣ ।

ବୋଇତ ବନ୍ଦାଣ

ଏହା ଓଡ଼ିଶା ଇତିହାସର ଏକ ସ୍ୱର୍ଣ୍ଣିମ ଅଧ୍ୟାୟକୁ ପ୍ରତିପାଦିତ କରିଥାଏ । ଲୋକକଥା ଅନୁଯାୟୀ ଏହି ଦିନ ସାଧବମାନେ ଦୂରଦେଶକୁ ବାଣିଜ୍ୟ କରିବା ପାଇଁ ନିଜର ଗସ୍ତ ଆରମ୍ଭ କରିଥାଆନ୍ତି । କାର୍ତ୍ତିକ ପୂର୍ଣ୍ଣିମା ସକାଳୁ ସେମାନଙ୍କୁ ସେମାନଙ୍କ ପରିବାର ଲୋକ ବନ୍ଦାଣ କରି ବିଦାୟ ଦେଇଥାଆନ୍ତି । ସେମାନେ ଏହି ସମୟରେ ବାଲି, ଜାଭା, ସୁମାତ୍ରା, ଶ୍ରୀଲଙ୍କା, ଥାଇଲାଣ୍ଡ, କାମ୍ବୋଡିଆ ଆଦି ସ୍ଥାନକୁ ଯାଇଥାଆନ୍ତି । ନଭେମ୍ବର ମାସରେ ଉତ୍ତରପୂର୍ବ ମୌସୁମୀ ବୋହିବା ଆରମ୍ଭ କରିଥାଏ । ଯାହାଫଳରେ ସେମାନଙ୍କ ଜାହାଜ ଶ୍ରୀଲଙ୍କା ଯିବା ପାଇଁ ସୁବିଧା ହୋଇଥାଏ, ତେଣୁ ସେହି ସମୟରେ ସେମାନେ ଏହି ଗସ୍ତର ଆରମ୍ଭ କରିଥାଆନ୍ତି । ତେବେ ବର୍ତ୍ତମାନ ଏଭଳି ବ୍ୟବସାୟ ବାଣିଜ୍ୟ ନହେଲେ ମଧ୍ୟ ଏହି ପ୍ରଥାକୁ ଜୀବନ୍ତ ରଖିବା ପାଇଁ ଏବେ ମଧ୍ୟ ବୋଇତ ବନ୍ଦାଣ ଅନୁଷ୍ଠିତ ହେଉଛି । ଏହି ଦିନ ଆଜି ବି ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଅନୁଷ୍ଠିତ ହୋଇଥାଏ । ଏହି ଦିନ ଅନେକ ସ୍ଥାନରେ ଲୋକମାନେ ସାଧବ ଓ ମହିଳାମାନେ ସାଧବାଣୀ ବେଶରେ ସଜହୋଇ ବୋଇତ ବନ୍ଦାଣ ଉତ୍ସବ ପାଳନ ହୋଇଥାଏ । ଏହି ଦିନ ପୁରୀରେ ମଧ୍ୟ ଶ୍ରଦ୍ଧାଳୁଙ୍କର ଭିଡ ଜମିଥାଏ । ସମସ୍ତେ ସକାଳୁ ସମୁଦ୍ରରେ ଗାଧୋଇ ଡଙ୍ଗା ଭସାଇବାର ବିଧି ରହିଛି ।

ବାଲିଯାତ୍ରା

ବାଲିଯାତ୍ରା ହେଉଛି ଓଡ଼ିଶାର ଗୌରବପୂର୍ଣ୍ଣ ଐତିହ୍ୟର ଯାତ୍ରା। ବାଲିଯାତ୍ରା ଏପରି ଏକ ଗଣମହୋତ୍ସବ ଯାହା ଓଡ୍ର, କଳିଙ୍ଗ, ଉତ୍କଳ, ତୋଷାଳୀ, କଙ୍ଗୋଦ ଓ କୋଶଳର ସମନ୍ୱୟ ଭିତ୍ତିକ ଯାତ୍ରା । ଏହି ଯାତ୍ରା (ଅକ୍ଟୋବର - ନଭେମ୍ବର) କାର୍ତ୍ତିକ ମାସର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥାଏ । ଆଗ କାଳରେ ସାଧବପୁଅମାନେ ନିଜ ବୋଇତରେ ଜାଭା, ବାଲି, ସୁମାତ୍ରା, ବୋର୍ଣ୍ଣିଓ (ଏବେକାର ଇଣ୍ଡୋନେସିଆ) ଆଦି ସ୍ଥାନକୁ ବେପାର ବଣିଜ କରିବାକୁ ଯାଉଥିଲେ ଯାହାର ସ୍ମୃତିରେ ଉପକୂଳ ଅଞ୍ଚଳମାନଙ୍କରେ ବାଲିଯାତ୍ରାର ଆୟୋଜନ କରାଯାଇଥାଏ । ଓଡ଼ିଶାର କଟକ ସହରରେ ବୋଇତ ବନ୍ଦାଣ ବା ବାଲିଯାତ୍ରାର ମହାସମାଗମ ହୋଇଥାଏ । କାର୍ତ୍ତିକ ପୂର୍ଣ୍ଣିମା ଦିନ ଓଡ଼ିଆମାନେ ଆକା ମା ବୈ ଗୀତ ବୋଲି ଡଙ୍ଗା ଭସାଇଥାନ୍ତି ଓ ଓଡ଼ିଶାର ଏହି ଅତୀତର ଇତିହାସକୁ ମନେପକାଇଥାନ୍ତି । ଏହି ସମୟକୁ ସାଧବମାନେ ବେପାର-ବଣିଜ ପାଇଁ ପ୍ରକୃଷ୍ଟ ସମୟ ଭାବୁଥିଲେ କାରଣ ପବନର ଗତି ସେମାନଙ୍କ ଯାତ୍ରାକୁ ସହଜ କରୁଥିଲା । କଟକଠାରେ ବାଲିଯାତ୍ରା ପ୍ରତି ବର୍ଷ ଗଡ଼ଗଡ଼ିଆ ଘାଟ ଓ ବାରବାଟି ଦୁର୍ଗ ନିକଟରେ ଅନୁଷ୍ଠିତ ହୋଇଥାଏ । ଏଠାକୁ ଓଡ଼ିଶା ଓ ଦେଶର ବିଭିନ୍ନ ପ୍ରାନ୍ତରୁ ଅନେକ ବ୍ୟବସାୟୀ ଆସିଥାନ୍ତି। ଦେଶର ବିଭିନ୍ନ ପ୍ରାନ୍ତର ହସ୍ତ-ଶିଳ୍ପ ଦେଖିବାକୁ ମିଳିଥାଏ । ବାଲିଯାତ୍ରାରେ କଟକ ପ୍ରସିଦ୍ଧ ଦହିବରା-ଆଳୁଦମ ଓ ପୁଙ୍କାପୁରି ଇତ୍ୟାଦି ଖାଦ୍ୟ ବହୁସ୍ଥାନରେ ବିକ୍ରିହୁଏ ।

ଇତିହାସ

ବାଲି ଅର୍ଥାତ ଇଣ୍ଡୋନେସିଆର ବାଲିଦ୍ୱୀପ ଯାହା ସହ କଳିଙ୍ଗର ନୌବାଣିଜ୍ୟ ସମ୍ପର୍କ ରହିଥିଲା । ଓଡ଼ିଆ ସାଧବ ପୁଅ ଅର୍ଥାତ ବଣିକ ଗୋଷ୍ଠିର ପ୍ରତିନିଧି ଗଣ ବାଲି ଦ୍ୱୀପ ସହ ଯାଭା, ସୁମାତ୍ରା, ବୋର୍ଣ୍ଣିଆ ଦ୍ୱୀପମାନଙ୍କୁ କାର୍ତ୍ତିକ ପୂର୍ଣ୍ଣିମା ଦିନ ଗମନ କରୁଥିଲେ । ବ୍ୟବସାୟରୁ ପ୍ରାପ୍ତ ଧନସମ୍ପଦକୁ ଆଣି ଉତ୍କଳର ଅର୍ଥନୀତିକୁ ସମୃଦ୍ଧ କରିବାରେ ଏମାନଙ୍କର ଯୋଗଦାନ ଖୁବ ଅଧିକ ଥିଲା ।





ଯଦିଓ ଅନ୍ୟାନ୍ୟ ଅଞ୍ଚଳ ସହ ବ୍ୟବସାୟିକ ସମ୍ପର୍କ ରହିଥିଲା, କିନ୍ତୁ ବାଲି ଦ୍ୱୀପ ପେଣ୍ଠସ୍ଥଳୀ ଭାବେ ପରିଗଣିତ ଥିଲା । ଏଣୁ ଏହି ଯାତ୍ରାର ଏଭଳି ନାମକରଣ କରାଯାଇଛି ବୋଲି ଆକଳନ କରାଯାଏ । ଅନ୍ୟମତାନୁସାରେ କାର୍ତ୍ତିକ ପୂର୍ଣ୍ଣିମାରେ ଉଚ୍ଚାରିତ ଆକାମାବୈ ଶବ୍ଦ ବର୍ଷର ମୁଖ୍ୟ ଚାରିମାସ ଯାହା ଯଥା :- ଆଷାଢ, କାର୍ତ୍ତକ, ମାର୍ଗଶୀର ଏବଂ ବୈଶାଖ ସେଥିରେ ଧର୍ମ କର୍ମ ସମୂହ ତଥା ଇଶ୍ୱରୋପାସନା କରିବାକୁ ଦର୍ଶାଏ ।

ବର୍ତ୍ତମାନ କଟକ ସହରରେ ବାଲିଯାତ୍ରା ଏକ ପାରିବାରିକ ଉତ୍ସବ ପାଲଟିଛି । ଅନେକ ବ୍ୟବସାୟୀ ବାଣିଜ୍ୟମେଳାରେ ଅଂଶଗ୍ରହଣ କରି ନିଜର ଦ୍ରବ୍ୟ ବିକ୍ରି କରି ଉପଯୁକ୍ତ ପାରିଶ୍ରମିକ ଲାଭ କରୁଛନ୍ତି । ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି, ଯେଉଁଥିରେ ସ୍ଥାନୀୟ କଳାକାର ନିଜର କଳା ପ୍ରଦଶିତ କରି ଅନେକ ପ୍ରଶଂସା ସାଉଁଟିବା ସହ ଦେଶ ବିଦେଶରେ ପରିଚିତ ହେଉଛନ୍ତି । ଆଠଦିନ ବ୍ୟାପି ଏହି ମହୋତ୍ସବରେ ଏକ ହଜାରରୁ ଉର୍ଦ୍ଧ୍ୱର୍ ଷ୍ଟଲ ମାନ ବସାଯାଇ ହସ୍ତଶିଳ୍ପ, କାରୁକାର୍ଯ୍ୟ, ପାରମ୍ପାରିକ ଦ୍ରବ୍ୟ, ଘରୋଇ ଉପକରଣ, ଆସବାବପତ୍ର ଆଦି ବିକ୍ରି ହେଉଛି । ଓଡ଼ିଶାର ପୁରପଲ୍ଲୀରେ ବୋଇତ ବନ୍ଦାଣ କାଠ ଓ ସୋଲ ତିଆରି ଡଙ୍ଗା ଭସାଇ ଏହି ଇତିହାସକୁ ମନେପକାଇ ପାଳନ କରାଯାଇଥାଏ । ଏହା ଛଡ଼ା ସୁରତ ଆଦି ସ୍ଥାନରେ ମଧ୍ୟ ଓଡ଼ିଆମାନେ ଏହାକୁ ପାଳନ କରିଥାନ୍ତି । ବାଲିଯାତ୍ରା କେବେ ଓ କାହିଁକି ଆରମ୍ଭ ହେଇଥିଲା ତାହାର ସଠିକ୍ ତଥ୍ୟ ନାହିଁ । ଏହାକୁ ନେଇ ଭିନ୍ନଭିନ୍ନ ମତ ରହିଛି ।

ପ୍ରଥମ ମତ

ପ୍ରଥମ ମତଟି ହେଲା ବୃହତ କଳିଙ୍ଗ ରାଷ୍ଟ୍ରର ସାଧବମାନେ ଏହିଦିନ ବିଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲେ । ଜଳପଥରେ ଯାଉଥିବାରୁ ମହାନଦୀ କୂଳରେ ସେମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ଉଦ୍ଦେଶ୍ୟରେ ଏହି ଯାତ୍ରା ଆରମ୍ଭ ହୋଇଥିଲା । ହେଲେ ଏହି ମତକୁ ନେଇ ଅନେକ ବିବାଦ ମଧ୍ୟ ରହିଛି । ହେଲେ ବିଦାୟକାଳୀନ ପରିବେଶ କିଭଳି ଉତ୍ସବମୁଖର ହୋଇପାରିବ ଏହାକୁ ନେଇ ପ୍ରଶ୍ନ ରହିଛି । ସେହିଭଳି କଳିଙ୍ଗର ସାଧବ ଗୋଟିଏ ସ୍ଥାନରୁ ବାଣିଜ୍ୟ କରିବାକୁ ଯାଉନଥିଲେ ତେଣୁ ଅନ୍ୟତ୍ର ବି ଏହି ଯାତ୍ରା ପ୍ରଚଳିତ ହେବା କଥା । ହେଲେ ତାହାର ସେପରି ପ୍ରମାଣ ନାହିଁ ତେଣୁ ଏହି କାରଣଟି ବିବାଦରେ ରହିଛି ।

ଦ୍ୱିତୀୟ ମତ

ଦ୍ୱିତୀୟ ମତଟି ହେଲା ଏହି ଦି ନ ସାଧବମାନେ ଜନ୍ମମାଟିକୁ ଫେରିଆସୁଥିବାରୁ ସେମାନଙ୍କ ସ୍ୱାଗତ ଉପଲକ୍ଷେ ବାଲିଯାତ୍ରା ହେଉଥିଲା । ହେଲେ ସାଧବମାନଙ୍କ ବାଣିଜ୍ୟ ବେପାରର ଐତିହ୍ୟ ଅନୁଶୀଳନ କଲେ ଜଣାଯାଏ ଯାଉଛି ସେମାନେ ବର୍ଷା ଚାରିମାସ ଯିବାପରେ ଜଳପଥରେ ବିଦେଶ ଯାଉଥିଲେ । ବର୍ଷା ଚାରିମାସ ଆରମ୍ଭ ପୂର୍ବରୁ ନୁହେଁ, କାରଣ ଏହି ଚାରିମାସ ସମୁଦ୍ରର ଜଳପଥ ବିପଦପୂର୍ଣ୍ଣ ରହୁଥିଲା । ତେଣୁ ଏହି ମତଟି ଜନଶ୍ରୁତି ଉପରେ ଆଧାରିତ ବୋଲି କୁହାଯାଇଥାଏ ଏବଂ ବାଲିଯାତ୍ରା ଅନୁଷ୍ଠିତ ହେବାର କାରଣ ଭାବେ ଗ୍ରହଣ କରାଯାଇ ନଥାଏ ।

ଶିବ ଉପାସନା

କେବଳ ରାଇଦାମଦୋର ବା ଭଗବାନ ବିଷ୍ଣୁଙ୍କ ଉପାସନା ନୁହେଁ ଏହି ମାସରେ ଶିବ ଉପାସନା ମଧ୍ୟ କରାଯାଇଥାଏ । କାର୍ତ୍ତିକ ମାସ ଶିବଙ୍କର ପ୍ରିୟ ମାସ ହୋଇଥାଏ ବୋଲି ଲୋକକଥା ରହିଛି । କାର୍ତ୍ତିକମାସ ପ୍ରତି ସୋମବାର ଦିନ ଅନେକ ଶ୍ରଦ୍ଧାଳୁଙ୍କର ଶିବଙ୍କ ମନ୍ଦିରରେ ଭିଡ ଯମିଥାଏ । ଏହି ମାସରେ ଶିବ ସ୍ରହସନାମ, ଶିବସ୍ତୋତ ଆଦି ଜପ କରିବା ଦ୍ୱାରା ମହାଦେବଙ୍କର ଆର୍ଶୀବାଦ ପ୍ରାପ୍ତ ହୋଇଥାଏ । ଏହି ମାସରେ ମହାଦେବଙ୍କର ପର୍ବ ବଡଓଷା ପାଳନ ହୋଇଥାଏ । ଏହି ଦିନ କଟକରେ ଥିବା ଧବଳେଶ୍ୱର ପୀଠରେ ବେଶ୍ ଭିଡ ଯମିଥାଏ । ସେଠାରେ ଶ୍ରଦ୍ଧାଳୁମାନେ ଶିବଙ୍କର ପୂଜା ଅର୍ଚ୍ଚନା କରିବା ସହିତ ଉପବାସ ରଖିଥାଆନ୍ତି । ଓଡ଼ିଶାର ଗାଁମାନଙ୍କରେ ଥିବା ଛୋଟବଡ ମନ୍ଦିରରେ ମଧ୍ୟ ବଡଓଷା ଖୁବ ଧୁମଧାମରେ ପାଳନ କରାଯାଇଥାଏ ।



ବ୍ରାଇଡାଲ କଲର

ଆରମ୍ଭ ହୋଇଛି ବିବାହ ଋତୁ । ଯୁବତୀମାନେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏହି ସମୟରେ ସବୁଠାରୁ ଦ୍ୱନ୍ଦ୍ୱ ଉପୁଜିଥାଏ ଲେହେଙ୍ଗା କିମ୍ବା ଶାଢୀର ରଙ୍ଗ ଚୟନ କରିବା ସମୟରେ । ଆସନ୍ତୁ ସେହିଭଳି କିଛି ରଙ୍ଗ ସମ୍ପର୍କରେ ଜାଣିବା ଯାହା ଆଜି କାଲି ଟ୍ରେଣ୍ଡରେ ରହୁଛି ।





● ନୀଳ ଓ ସୁନେଲି

ବିବାହ ହେଉ କି ରିସେପସନ୍ ଏଥିପାଇଁ ନୀଳ ଓ ସୁନେଲି ରଙ୍ଗ ଭଲ ବିକଳ୍ପ । ଏହି ଦୁଇଟି ରଙ୍ଗ ଆଉଟ ଡୋର ଇଭେଣ୍ଟ ପାଇଁ ଉପଯୁକ୍ତ ହୋଇଥାଏ । ଏହି କଲର କମ୍ବିନେସନ ଆପଣଙ୍କୁ ଏକ ଷ୍ଟାଇଲଷ୍ଟି ଲୁକ ପ୍ରଦାନ କରିବ । ସେହିଭଳି ଆପଣ ଚାହିଁଲେ ଏହାକୁ ଇଣ୍ଡୋ ୱେଷ୍ଟର୍ଣ୍ଣ ଲୁକର ଟଚ୍ ବି ଦେଇ ପାରିବେ । କିଛି ସେଲିବ୍ରିଟି ଏହି ଥିମକୁ ନିଜ ବାହାଘରରେ ପିନ୍ଧିଥିବାର ଦେଖିବାକୁ ମିଳିଥାଏ ।

● ବ୍ଲସ ପିଙ୍କ ଓ ପାଉଡର

ଯଦି ଆପଣଙ୍କର ହାଲୁକା ରଙ୍ଗ ପସନ୍ଦ ତେବେ ବ୍ଲସ ପିଙ୍କ ଓ ପାଉଡର ରଙ୍ଗ ଏକ ଭଲ ଚଏସ । ଏହା ଦିନରେ ହେଉଥିବା ବିବାହ ପାଇଁ ଫରଫେକ୍ଟ ହୋଇଥାଏ । ଏହି ରଙ୍ଗ ଚୟନ କରିବା ସମୟରେ ନିଜ ଡେକୋରେସନରେ ଗ୍ରୀନ ରଙ୍ଗ ରଖନ୍ତୁ ଏହା ଖୁବ ସୁନ୍ଦର ପେୟାର ହେବ । ଏଥିସହିତ ଗ୍ରୀନ ରଙ୍ଗର ଜୁଏଲାରୀ ପିନ୍ଧନ୍ତୁ ଖୁବ ମାନିବ ।

● ଲାଲ

ଲାଲ ରଙ୍ଗ ସବୁବେଳେ ଫ୍ୟାଶନରେ ରହିଥାଏ । ଅନେକ ଦିନରୁ ବିବାହରେ ଲାଲ ରଙ୍ଗ ଫ୍ୟାଶନରେ ରହିଛି, କାରଣ ଏହା ଆମ ପରମ୍ପରାକୁ ରିପ୍ରେଜେଣ୍ଟ କରିଥାଏ । ଲାଲ ରଙ୍ଗ ଶୁଭ ହୋଇଥାଏ ତେଣୁ ଏହାକୁ ବିବାହରେ ପ୍ରଥମେ ପସନ୍ଦ କରାଯାଇଥାଏ । ଲାଲ ରଙ୍ଗର ଶାଢି କିମ୍ବା ଲେହେଙ୍ଗା ସହିତ କଣ୍ଟ୍ରାକ୍ସ୍ଟ ରଙ୍ଗର ଜୁଏଲାରୀ ପିନ୍ଧନ୍ତୁ ଖୁବ ମାନିବ । ଏକ ଭିନ୍ନ ଲୁକ କ୍ରିଏଟ ହେବ ।

● ପିଙ୍କ ଓ ଗୋଲ୍ଡ

ଗୋଲ୍ଡ ସେଡ୍ ସବୁ ରଙ୍ଗ ସହିତ ମ୍ୟାଚ କରିଥାଏ । ପିଙ୍କ କଲର ଖୁସିର ରଙ୍ଗ ହୋଇଥିବାବେଳେ ଗୋଲ୍ଡ ସାଇନ୍ସ ରିପ୍ରେଜେଣ୍ଟ କରିଥାଏ । ଏହି ଦୁଇ ରଙ୍ଗ ମିଶି ଖୁବ ସୁନ୍ଦର କମ୍ବିନେସନ ତିଆରି କରନ୍ତି । ଏହି କମ୍ବିନେସନର ଡ୍ରେସ ପିନ୍ଧୁଥିବାବେଳେ ନିଜ ବିବାହର ଡେକୋରରେ ଅଧିକ ପରିମାଣର ଫୁଲ ବ୍ୟବହାର କରନ୍ତୁ । ଫୁଲ ଏହି ରଙ୍ଗ ପାଇଁ ସବୁଠାରୁ ଭଲ ଅପସନ ହୋଇଥାଏ, ଯାହା ଏହାକୁ କମ୍ପ୍ଲିଟ କରିଥାଏ ।



ମୃଣାଳ
ନିର୍ମାଲ୍ୟ, VIP-21 ଲିଟିଲ ଓଡ଼ିଶା,
ଛତାବର, ଭୁବନେଶ୍ୱର
ମୋ: ୯୪୩୭୦୨୬୧୯୪

ସବୁ ଧୂଆଁ ଧୂଆଁ ...



ପୁଟିଏନସ୍ ଦିଲ୍ଲୀ ନୁହେଁ ପୋଲ୍ୟୁଟେଣ୍ଟସ୍ ଦିଲ୍ଲୀ
ହୌଜ ଖାସ ନୁହେଁ ହେଜ ଖାସ
ଧୌଲା କୁଆଁ ନୁହେଁ ଧୂଆଁ କୁଆଁ
ରେଡ ଫୋର୍ଟ ନୁହେଁ ଗ୍ରେ ଫୋର୍ଟ
ଚାନ୍ଦିନୀ ଚୌକ ନୁହେଁ ଚାନ୍ଦିନୀ ଚୋକ୍ -(ସୌଜନ୍ୟ: ଆରତୀ ସାହୁ)

'ପକ୍ଷୀ-ମଣିଷ' ସଲିମ ଅଲି

ଭାରତର 'ପକ୍ଷୀ-ମଣିଷ' ସଲିମ ଅଲି ବଞ୍ଚିଥିଲେ ଗତ ନଭେମ୍ବର ୧୨ରେ ତାଙ୍କୁ ୧୩୦ ବର୍ଷ ପୂରିଥାନ୍ତା। ୧୮୯୬ ମସିହା ନଭେମ୍ବର ୧୨ ତାରିଖରେ ତାଙ୍କ ଜନ୍ମ। ୧୯୮୬ ଜୁନ ୨୦ରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ଜୀବନ କାଳ ଭିତରେ ସେ ଭାରତରେ ପକ୍ଷୀ ବିଜ୍ଞାନକୁ (Ornithology) କେବଳ ସଉକରୁ ଏକ ସୁଦୃଢ଼, ଆଧୁନିକ ବୈଜ୍ଞାନିକ ଶାଖାରେ ପରିଣତ କରିଥିଲେ। ତାଙ୍କ ଜନ୍ମଦିନକୁ ଭାରତରେ 'ଜାତୀୟ ପକ୍ଷୀ ନିରୀକ୍ଷଣ ଦିବସ' ଭାବେ ପାଳନ କରାଯାଏ।

ସେ ପ୍ରଥମ ଭାରତୀୟ ଭାବେ ସମଗ୍ର ଉପମହାଦେଶରେ ପକ୍ଷୀମାନଙ୍କ ଉପରେ ବ୍ୟବସ୍ଥିତ ସର୍ବେକ୍ଷଣ କରିଥିଲେ। ସେ ପକ୍ଷୀମାନଙ୍କର ଅଭ୍ୟାସ, ବାସସ୍ଥାନ ଏବଂ ପ୍ରବାସ ଧାରାକୁ ଅତି ସୂକ୍ଷ୍ମ ଭାବେ ଲିପିବଦ୍ଧ କରିଥିଲେ। ତାଙ୍କର ଅକ୍ଲାନ୍ତ କ୍ଷେତ୍ର କାର୍ଯ୍ୟର ପରିଣାମ ସ୍ୱରୂପ ଅନେକ ପୁସ୍ତକ ପ୍ରକାଶ ପାଇଥିଲା, ଯାହା ଆଜି ବି ଭାରତରେ ପକ୍ଷୀ ବିଜ୍ଞାନର ମୂଳ ଆଧାର ହୋଇ ରହିଛି। ୧୯୪୧ରେ ପ୍ରକାଶିତ 'ଦ ବୁକ୍ ଅଫ୍ ଇଣ୍ଡିଆନ୍ ବାର୍ଡସ୍' ସାଧାରଣ ଲୋକଙ୍କ ମଧ୍ୟରେ ପକ୍ଷୀ ନିରୀକ୍ଷଣକୁ ଲୋକପ୍ରିୟ କରାଇଥିଲା। ସେହିପରି ଏସ୍. ଡିଲନ୍ ରିପ୍ଲେଙ୍କ ସହ ମିଳିତ ଭାବେ ରଚିତ ଦଶ ଖଣ୍ଡ ବିଶିଷ୍ଟ ବିଶାଳ ଗ୍ରନ୍ଥ 'ହ୍ୟାଣ୍ଡବୁକ୍ ଅଫ୍ ଦ ବାର୍ଡସ୍ ଅଫ୍ ଇଣ୍ଡିଆ ଆଣ୍ଡ ପାକିସ୍ତାନ' ଏହି ଅଞ୍ଚଳର ପକ୍ଷୀ ଜଗତର ବର୍ଗୀକରଣକୁ ଏକ ନିର୍ଦ୍ଦିଷ୍ଟ ରୂପ ଦେଇଥିଲା। କେବଳ ପ୍ରଜାତିଗୁଡ଼ିକର ତାଲିକା ପ୍ରସ୍ତୁତ କରିବାରେ ସୀମିତ ନରହି, ଅଲି ପକ୍ଷୀମାନଙ୍କର ଆଚରଣ ଉପରେ ପରିବେଶଗତ ଅଧ୍ୟୟନର ମୂଳଦୁଆ ପକାଇଥିଲେ। ବିଶେଷ କରି ବାୟା ଚଢ଼େଇର ପ୍ରଜନନ ପ୍ରକ୍ରିୟା ଉପରେ ତାଙ୍କର



ଗବେଷଣା ବେଶ୍ ପ୍ରଶଂସିତ ହୋଇଥିଲା। ପକ୍ଷୀ ବିଜ୍ଞାନକୁ ବାସସ୍ଥାନ ସଂରକ୍ଷଣଠାରୁ ଅଲଗା କରାଯାଇପାରିବ ନାହିଁ ବୋଲି ହୃଦୟଙ୍ଗମ କରି ସେ ଭରତପୁର ପକ୍ଷୀ ଅଭୟାରଣ୍ୟ ଏବଂ କେରଳର ସାଇଲେଣ୍ଟ ଭ୍ୟାଲି ଭଳି ଗୁରୁତ୍ୱପୂର୍ଣ୍ଣ ପରିବେଶର ସୁରକ୍ଷା ପାଇଁ ସଫଳ ଅଭିଯାନ ଚଳାଇଥିଲେ। ଏହା ସହ ସେ 'ବମ୍ବେ ନ୍ୟାଚୁରାଲ ହିଷ୍ଟ୍ରି ସୋସାଇଟି'କୁ ଆର୍ଥିକ ସଙ୍କଟରୁ ରକ୍ଷା କରିବାରେ ପ୍ରମୁଖ ଭୂମିକା ନେଇଥିଲେ।

ଡିବିରି

ଜେନ-ଆଲଫା ପ୍ରଜନ୍ମର ପିଲାମାନେ ଏ ବିଷୟରେ ଜାଣିଥିବେ ବୋଲି ମୋର ମନେ ହୁଏନି; ଜେନ-ଜି ପ୍ରଜନ୍ମର ତରୁଣତରୁଣୀମାନେ 'ଲଣ୍ଠନ' ଟା କ'ଣ - ଜାଣିଥାଇପାରନ୍ତି, କିନ୍ତୁ ସେମାନଙ୍କ ଭିତରୁ ଅନେକେ 'ଡିବିରି' ବିଷୟରେ ଜାଣି ନ ଥିବେ। ବିଜୁଳି ସହଜଲଭ୍ୟ ହେବା ପୂର୍ବରୁ ଗାଁ ଗହଳ, ଏପରିକି ଅନେକ ସହରରେ ମଧ୍ୟ ସନ୍ଧ୍ୟା ପରେ ଘରେ ଆଲୁଅ ପାଇଁ ବ୍ୟବହାର କରାଯାଉଥିଲା 'ଡିବିରି'। ମାଟି ଘଡ଼ି ବା ଟିଣ ଡିବାରେ ତିଆରି ହେଉଥିଲା ଡିବିରି। ସାଧାରଣ ଘରମାନଙ୍କରେ ଔଷଧ ବୋତଲର ଠିପିରେ କଣା କରି, ପୁରୁଣା ସୂତାକପଡ଼ାରୁ ବଳିତା ତିଆରି କରାଯାଉଥିଲା। ଶିଶିରେ ରାସନ ଦୋକାନରୁ ମିଳିଥିବା କିମ୍ବା ବଜାରରୁ କିଣି ଆଣିଥିବା ନୀଳ ରଙ୍ଗର କିରୋସିନି ତେଲ ପୂରେଇ ସଞ୍ଜ ବେଳେ ଜଳାଇ ଦିଆଯାଉଥିଲା।

ପ୍ରତ୍ୟେକ ଘରେ ତିନି-ଚାରିଟି 'ଡିବିରି' ଥିଲା। ମୁଖ୍ୟ ଦୁଆର ପାଖରେ ସାଧାରଣତଃ ଲଣ୍ଠନ ଜଳାଯାଉଥିଲା। କାରଣ, ସେଠାରେ ପବନ ବହୁଥିବାରୁ 'ଡିବିରି' ଲିଭିଯିବାର ଆଶଙ୍କା ଥିଲା। କିନ୍ତୁ କାଚ ଘେରା ହୋଇଥିବାରୁ



ଲଣ୍ଠନ ସହଜରେ ଲିଭୁ ନଥିଲା। ସେଥିପାଇଁ ଲଣ୍ଠନକୁ ଘର ବାହାରେ ରଖାଯାଉଥିଲା। ବାକି ଜାଗାରେ 'ଡିବିରି'। ଘରେ କୌଣସି ବିଶେଷ କାର୍ଯ୍ୟକ୍ରମ ବା ଉତ୍ସବ ଥିଲେ ମେଣ୍ଟେଲ୍ ଥିବା ଗ୍ୟାସ୍ ଲାଇଟ୍ ବା ପେଟ୍ରୋମ୍ୟାକ୍ସ ଜଳାଯାଉଥିଲା। ତାହାକୁ ଜଳାଇବା ସମସ୍ତଙ୍କ ପକ୍ଷେ ସମ୍ଭବ ନଥିଲା। କେବଳ ଅଭିଜ୍ଞ ବ୍ୟକ୍ତି ହିଁ ତାହାକୁ ଜଳାଇ ପାରୁଥିଲେ। ଏହି ଗ୍ୟାସ୍ ଲାଇଟ୍ ପ୍ରତ୍ୟେକ ଘରେ ବି ନଥିଲା। ଭଡ଼ାରେ ଆସୁଥିଲା।

'ଡିବିରି' ରଖିବା ପାଇଁ ଘରେ ପ୍ରାୟ ସବୁ ଜାଗା ନିର୍ଦ୍ଦିଷ୍ଟ ଥିଲା। ତାକୁ ରଖିବା ପାଇଁ କାନ୍ଥରେ ଖୋପ କରାଯାଉଥିଲା। ତାକୁ କୁହାଯାଉଥିଲା 'ଠଣା'। କିଛି ଘରେ ଡିବିରି ରଖିବା ପାଇଁ ଥାକ ତିଆରି କରାଯାଉଥିଲା। ଯେଉଁ ଠଣା ବା ଥାକରେ 'ଡିବିରି' ରଖାଯାଉଥିଲା, ସେଠି ଧୀରେ ଧୀରେ କଳା ଧୂଆଁର କାଳି ଜମା ହୋଇଯାଉଥିଲା। ସେହି କାଳିକୁ ଆମେ ଆମର ସ୍ଲେଟ୍ ବା କାଠପଟା କଳା କରିବା ପାଇଁ ବ୍ୟବହାର କରୁଥିଲୁ। ମୋ ବୟସର (ମୋତେ ଏବେ ୬୬ ଚାଲୁଛି) ଅନେକଙ୍କର ପିଲାଦିନର ପାଠପଢ଼ା 'ଡିବିରି' ଆଲୁଅରେ ହିଁ ଆରମ୍ଭ ହୋଇଥିଲା। ଏବେ କେଉଁଠି 'ଡିବିରି' ଦେଖିଲେ ମନଟା ପିଲାଦିନକୁ ଫେରିଯାଏ।

ମାଙ୍କଡ଼ ଉତ୍ପାତ

ଗତ ସପ୍ତାହରେ ମୁଁ ଏ ସ୍ତମ୍ଭରେ ଲେଖିଥିଲି: ପ୍ରତ୍ୟେକେ ନିଜ ଘରେ ଯେତିକି ସମ୍ଭବ ପରିବା ଉତ୍ପାଦନ କରିବା ଦରକାର। ଏହା କରିହେବ। ଆମେ ଆମ ବାରିରେ ପରିବା ଚାଷ କରିପାରିବା; ବାରି ନ ଥିଲେ ଘର ଛାତରେ କରି ପାରିବା, ଛାତ ନଥିଲେ ବ୍ୟାଲକୋନୀରେ କରି ପାରିବା, ରୋଷେଇଘର ଝରକା ଉପରେ କରି ପାରିବା। ସେ ଲେଖା ପଢି ଶକ୍ତି ପ୍ରସାଦ ବାବୁ ଗୋଟେ ପ୍ରାସଙ୍ଗିକ ଏବଂ ଅଙ୍ଗେ ନିଭା କଥା ଲେଖିଛନ୍ତି :

ଆଜ୍ଞା, ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଅନ୍ତର୍ଭୁକ୍ତ ଗ୍ରାମ ଅଞ୍ଚଳରେ ବ୍ୟକ୍ତିଗତ ସ୍ତରରେ ଏବେ ଆଉ କେହି ପରିବା ଚାଷ କରିବାକୁ ସାହସ କରି ପାରୁନାହାନ୍ତି, କାରଣ ସରକାରଙ୍କ ଦୟାରୁ ଏବେ ମାଙ୍କଡମାନେ ଆଉ ଗ୍ରାମାଞ୍ଚଳ ଛାଡ଼ି ଯିବାକୁ ପ୍ରସ୍ତୁତ ନାହାନ୍ତି ଏବଂ ତା ସହିତ ହାତୀ, ବାରହା, ଠେକୁଆ ଆଦିଙ୍କର ପ୍ରାଦୁର୍ଭାବ ବହୁଳ ଭାବେ ଗ୍ରାମାଞ୍ଚଳ ଲୋକଙ୍କ ଜୀବନ ଦୁର୍ବିସହ କରି ଦେଲେଣି। ସରକାର ଖଣି ଖାଦାନ ଏବଂ କାରଖାନା କୁ ଅଧିକ ଭଲ ପାଉଥିବାରୁ ଚାଷ କୁ ଏତେ ଆଉ ଗୁରୁତ୍ୱ ଦେଉ ନାହାନ୍ତି ଏବଂ ଏହାଦ୍ୱାରା ଏବେ ଗାଁ ଲୋକେ ସବୁ ଚିଜ ପାଇଁ ହାଟ ବଜାର ଉପରେ ନିର୍ଭର କଲେଣି, ଯାହାର ପରିଣାମ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଉଚ୍ଚ ମୁଦ୍ରାସ୍ଫିତି ରହୁଛି। ଶକ୍ତି ପ୍ରସାଦ ବାବୁଙ୍କ କଥା ଅନେକାଂଶରେ ସତ। ମୁଁ ବହୁ ବର୍ଷ ଢେଙ୍କାନାଳରେ ରହିଛି। ସେଠିକାର ମାଙ୍କଡ଼ମାନଙ୍କ ଉତ୍ପାତର ମୁଁ ଭୁକ୍ତଭୋଗୀ। ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ପୁରୀ ଆଦି ଜିଲ୍ଲାରେ ମଧ୍ୟ କ୍ରମଶଃ ମାଙ୍କଡ଼ ଉତ୍ପାତ ପରିବା ଚାଷ ଉପରେ ବିରୂପ ପ୍ରଭାବ ପକେଇଲାଣି। ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲର ସମାନ ସମସ୍ୟା ସୃଷ୍ଟି କରୁଛନ୍ତି ଷଣ୍ଢମାନେ। ଯାଜପୁରର କିଛି ଅଞ୍ଚଳରେ ଲୋକେ ଆଗରୁ ନଈ ପଠାରେ ପୋଟଳ ଚାଲ କରୁଥିଲେ, ଷଣ୍ଢ ଉତ୍ପାତରେ ତାହା ଆଉ କରିପାରୁନାହାନ୍ତି। ଏ ସମସ୍ୟାର କ'ଣ ସମାଧାନ କରାଯାଇପାରେ, ବିଶେଷଜ୍ଞମାନେ ଚିନ୍ତା କରନ୍ତୁ। ସରକାର ଏହାପ୍ରତି ଗୁରୁତ୍ୱ ଦିଅନ୍ତୁ।

ଗ୍ରାମୀରେ ତାମିଲ ସଙ୍ଗୀତ

ଚେନ୍ନାଇର ସଙ୍ଗୀତକାର ତଥା କଣ୍ଠଶିଳ୍ପୀ ଦେବନ ଏକାମ୍ବରମ ଏବଂ ଗାୟିକା ସୁଷାଙ୍କ ତାମିଲ ଗୀତ 'ଭରୁଭାଇ' ୬୯ତମ ଗ୍ରାମୀ ଆୱାର୍ଡସ୍ ୨୦୨୬ର 'ବେଷ୍ଟ ଗ୍ଲୋବାଲ୍ ମ୍ୟୁଜିକ୍ ପରଫରମାନ୍ସ' ବର୍ଗରେ ମନୋନୀତ ହୋଇ ଇତିହାସ ରଚିଛି । ଏହା ଗ୍ରାମୀ ଇତିହାସରେ ମନୋନୀତ ହେବାରେ ପ୍ରଥମ ତାମିଲ ଗୀତ ହେବା ସହ ୨୦୨୬ ଗ୍ରାମୀ ପୁରସ୍କାର ପାଇଁ ଭାରତର ଏକମାତ୍ର ସରକାରୀ ଏଣ୍ଟ୍ରି ଅଟେ । ମହାକବି ସୁବ୍ରମଣ୍ୟ ଭାରତାଙ୍କ ଦ୍ୱାରା ବ୍ରିଟିଶ ଶାସନ କାଳରେ ପ୍ରାୟ ୧୦୦ ବର୍ଷ ପୂର୍ବେ ରଚିତ ଏକ ଭକ୍ତିମୂଳକ କୃଷ୍ଣ ଭଜନ ଉପରେ ଆଧାରିତ ଏହି ଗୀତଟି କୌଣସି ରେକର୍ଡ ଲେବଲ୍ କିମ୍ବା ପେଡ୍ ମାର୍କେଟିଂ ବିନା କେବଳ ଇନଷ୍ଟାଗ୍ରାମ ପ୍ରଚାର ମାଧ୍ୟମରେ ମୁକ୍ତିଲାଭ କରିଥିଲା । ଏହି ଗୀତରେ ଉଭୟ ଶାସ୍ତ୍ରୀୟ ଓ ଆଧୁନିକତାର ଛୁଙ୍କ ଦେଖିବାକୁ ମିଳୁଛି । ଏହି ଖବର ବର୍ତ୍ତମାନ ପୁରା ଦେଶରେ ଖୁସିର ଲହରି ଖେଳାଇଛି, ସମସ୍ତେ ଏହି ଗୀତକୁ ନେଇ ଗର୍ବ କରୁଛନ୍ତି ।





ପସନ୍ଦ ଆସୁଛି ଟ୍ରେଲର

ନିର୍ଦ୍ଦେଶକ ସୂରଜ ବଡ଼ଜାତ୍ୟାଙ୍କ ଆଗାମୀ ପାରିବାରିକ ମନୋରଞ୍ଜନଧର୍ମୀ ଚଳଚ୍ଚିତ୍ର 'ୟେ ପ୍ରେମ ମୋଲ୍ ଲିୟା'ର ଟ୍ରେଲର ରିଲିଜ ହୋଇଛି । ଟ୍ରେଲର ଟି ନିର୍ମାତାଙ୍କ ସୂଚନା ଅନୁଯାୟୀ, ଆୟୁଷ୍ମାନ ଓ ଶର୍ବରୀଙ୍କ ବ୍ୟତୀତ ଏଥିରେ ଅନୁପମ ଖେର, ସୁପ୍ରିୟା ପାଠକ, ସୀମା ପାହୱା, ସୌମ୍ୟା ଟଣ୍ଡନ, ସ୍ୱାନନ୍ଦ କିରକିରେ, ଶ୍ରୁତି ସେଠ, ଶାଦ ରନ୍ଧୱା, ଗିରୀଶ କୁଲକର୍ଣ୍ଣି ଏବଂ ରାଜେଶ କୁମାରଙ୍କ ଭଳି ଅଭିଜ୍ଞ କଳାକାରମାନେ ନଜର ଆସିବେ । ରାଜଶ୍ରୀ ପ୍ରଡକ୍ସନ୍ସ ଏବଂ ମହାବୀର ଜୈନ ଫିଲ୍ମସ୍ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରରେ ଆୟୁଷ୍ମାନ ପ୍ରଥମ ଥର ପାଇଁ ରାଜଶ୍ରୀର ଲୋକପ୍ରିୟ ଚରିତ୍ର 'ପ୍ରେମ' ଭୂମିକାରେ ଅଭିନୟ କରୁଛନ୍ତି। ଟ୍ରେଲଟି ଦର୍ଶକଙ୍କୁ ଖୁବ ପସନ୍ଦ ଆସୁଛି। ହିମେଶ ରେଶମିୟାଙ୍କ ସଙ୍ଗୀତ ମଧ୍ୟ ଦର୍ଶକଙ୍କୁ ଖୁବ ପସନ୍ଦ ଆସୁଛି । ସୂଚନା ଅନୁସାରେ ଫିଲ୍ମଟି ଆସନ୍ତା ୨୭ ନଭେମ୍ବରରେ ରିଲିଜ ହେବ ବୋଲି ସୂଚନା ରହିଛି ।



ସୋନାଙ୍କ କଟାକ୍ଷ

ବଲିଉଡ୍ ଅଭିନେତା ସଲମାନ ଖାନଙ୍କ ଆଗାମୀ ଚଳଚ୍ଚିତ୍ର 'ମାତୃଭୂମି'ର ନୂଆ ଗୀତ 'ତେରା ସେକ୍ସି ବୁଟ'କୁ ନେଇ ବିବାଦ ଦେଖାଦେଇଛି । ତେବେ ଏହାକୁ ନେଇ କଣ୍ଠଶିଳ୍ପୀ ସୋନା ମହାପାତ୍ର ଇନଷ୍ଟାଗ୍ରାମରେ ଏକ ଭିଡିଓ ସେୟାର କରି ସଲମାନଙ୍କୁ ତୀବ୍ର କଟାକ୍ଷ କରିଛନ୍ତି । ସୈନିକମାନଙ୍କ ବଳିଦାନ ଉପରେ ଆଧାରିତ ଏକ ଦେଶପ୍ରେମମୂଳକ ଚଳଚ୍ଚିତ୍ରରେ ମଦ୍ୟପାନ କରି ଉଡ଼ିବା ଭଳି ଗୀତ ରଖିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସୋନା ପ୍ରଶ୍ନ କରିଛନ୍ତି । ଏହାସହ ଏଭଳି ବଲିଉଡ୍ କ୍ୟାରିଅର ହରାଇଥିବାର ତାଙ୍କର କୌଣସି ଅବଶୋଷ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି । ପ୍ରଭାବଶାଳୀ ବ୍ୟକ୍ତିଙ୍କ 'ରାଜଦରବାର'ରେ ହାଜର ହେବା ଅପେକ୍ଷା ନିଜସ୍ୱ ସଙ୍ଗୀତ ଜରିଆରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଅଧିକ ଗୌରବର ବିଷୟ ବୋଲି ସେ କହିଛନ୍ତି । ଏହାସହ ସେ ୨୦୧୬ର 'ସୁଲତାନ' ଏବଂ ୨୦୧୯ର 'ଭାରତ' ଚଳଚ୍ଚିତ୍ର ସମୟରେ ସଲମାନଙ୍କ ସହ ହୋଇଥିବା ପୁରୁଣା ବିବାଦକୁ ମଧ୍ୟ ମନେ ପକାଇଛନ୍ତି । ଅନ୍ୟପକ୍ଷରେ, ଅପୂର୍ବ ଲାଖିଆଙ୍କ ନିର୍ଦ୍ଦେଶିତ 'ମାତୃଭୂମି: ମେ ୱାର୍ ରେଷ୍ଟ୍ ଇନ୍ ପିସ୍ ଯୁଦ୍ଧ ଓ ସୈନିକଙ୍କ ବଳିଦାନ ଉପରେ ଆଧାରିତ, ଯେଉଁଥିରେ ସଲମାନଙ୍କ ସହ ଚିତ୍ରାଙ୍ଗଦା ସିଂହ ମୁଖ୍ୟ ଭୂମିକାରେ ନଜର ଆସିବେ ।



ପଛରେ ଫିସ
ନେଇଥିଲେ ପଲ୍ଲବୀ

ଟାଇମ୍ ପତ୍ରିକା ପକ୍ଷରୁ ପ୍ରକାଶିତ 'ଟାଇମ୍ ୧୦୦ ନେକ୍ସଟ୍ ଇଣ୍ଡିଆ ୨୦୨୬' ତାଲିକାରେ ଅଭିନେତ୍ରୀ ସାଇ ପଲ୍ଲବୀ ସ୍ଥାନ ପାଇଛନ୍ତି । ତେବେ ଏହି ଅବସରରେ ତାଙ୍କ ୨୦୨୨ର ଚର୍ଚ୍ଚିତ ଚଳଚ୍ଚିତ୍ର 'ଗାର୍ଗୀ'ର ନିର୍ଦ୍ଦେଶକ ଗୌତମ ରାମଚନ୍ଦ୍ରନ ସାଇଙ୍କ ଅଭିନୟକୁ ଖୁବ ପ୍ରଶଂସା କରିଛନ୍ତି । ଗୌତମ କହିଛନ୍ତି ଯେ 'ଗାର୍ଗୀ' ନିର୍ମାଣ ସମୟରେ ଆର୍ଥିକ ଅଭାବ ଥିବାରୁ ସେ ପ୍ରଥମ ସାକ୍ଷାତରେ ସାଇଙ୍କୁ ଆଗ ଚଳଚ୍ଚିତ୍ର ନିର୍ମାଣ କରି ପରେ ପାରିଶ୍ରମିକ ଦେବାକୁ ପ୍ରସ୍ତାବ ଦେଇଥିଲେ । ଯାହାକୁ ସାଇ ତୁରନ୍ତ ଗ୍ରହଣ କରିବା ସହ କେବଳ ସୁଟିଂ ଚାରିଖ ବିଷୟରେ ପଚାରିଥିଲେ । ସେହିଭଳି ଚରିତ୍ରର ସୂକ୍ଷ୍ମରୁ ଅତି ସୂକ୍ଷ୍ମ ଦିଗ ପ୍ରତି ସାଇ ଧ୍ୟାନ ଦେଇଥାଆନ୍ତି । ସେ ସାଇଙ୍କୁ ଅନ୍ୟତମ ଶ୍ରେଷ୍ଠ ଅଭିନେତ୍ରୀ ବୋଲି କହିବା ସହ ଚଳଚ୍ଚିତ୍ର 'ରାମାୟଣ' ତାଙ୍କୁ ବିଶ୍ୱ ଦରବାରରେ ଏକ ବଡ଼ ପରିଚୟ ଦେବବୋଲି ମତ ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଗତ ୫ ନଭେମ୍ବରରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା 'ରାମାୟଣ'ରେ ସାଇ ପଲ୍ଲବୀ ମାତା ସୀତାଙ୍କ ଭୂମିକାରେ ଅଭିନୟ କରିଥିବା ବେଳେ ରଣବୀର କପୁର ଭଗବାନ ରାମ, ୟଶ ରାବଣ ଏବଂ ରବି ଦୁବେ ଲକ୍ଷ୍ମଣଙ୍କ ଭୂମିକାରେ ନଜର ଆସି ସଫଳତା ସାଉଁଟୁଛନ୍ତି ।

ଦର୍ଶକଙ୍କୁ କୃତଜ୍ଞତା

ଅଭିନେତ୍ରୀ ଈଶା ଦେଓଲ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ପ୍ରତାପ'ରେ ପ୍ରଥମ ଥର ପାଇଁ 'ଈଶା ଧର୍ମେନ୍ଦ୍ର ଦେଓଲ' ଭାବେ ଶ୍ରେୟ ପାଇବାକୁ ଯାଉଥିବା ନେଇ ନିଜ ପ୍ରଶଂସକଙ୍କ ସହ ନିଜ ମନକଥା ସେୟାର କରିଛନ୍ତି । ଚଳଚ୍ଚିତ୍ରର ପୋଷ୍ଟର ସେୟାର କରି ସେ ଇନଷ୍ଟାଗ୍ରାମରେ ଲେଖିଛନ୍ତି ଯେ ପୋଷ୍ଟରରେ ନିଜ ନାଁ ପାଖରେ ସ୍ୱର୍ଗତ ପିତା ଧର୍ମେନ୍ଦ୍ରଙ୍କ ନାଁ ଦେଖିବା ତାଙ୍କ ପାଇଁ ଅତ୍ୟନ୍ତ ଭାବବିହ୍ୱଳ ପରିସ୍ଥିତି ଥିଲା । ଚଳଚ୍ଚିତ୍ର ଜଗତରେ ୨୪ ବର୍ଷ ପୂରଣ କରିଥିବା ଈଶା ଦୀର୍ଘ ବର୍ଷ ଧରି ତାଙ୍କୁ ଓ ତାଙ୍କ ପରିବାରକୁ ଭଲପାଇବା ଏବଂ ସମର୍ଥନ ଦେଇଥିବାରୁ ପ୍ରଶଂସକ ଓ ଶୁଭେଚ୍ଛୁମାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ ଗତ ବର୍ଷ ନଭେମ୍ବର ୨୪ ତାରିଖରେ ୮୯ ବର୍ଷ ବୟସରେ କିମ୍ବଦନ୍ତୀ ଅଭିନେତା ଧର୍ମେନ୍ଦ୍ରଙ୍କ ପରଲୋକ ଘଟିଥିଲା । ଅନ୍ୟପକ୍ଷରେ, ସଚିନ ସରାଫଙ୍କ ନିର୍ଦ୍ଦେଶିତ ତଥା ପ୍ରଦୀପ ରଙ୍ଗୱାନୀଙ୍କ ପ୍ରଯୋଜିତ ଆକ୍ସନ ଥ୍ରିଲର ଚଳଚ୍ଚିତ୍ର 'ପ୍ରତାପ' ଆସନ୍ତା ନଭେମ୍ବର ୨୦ ତାରିଖରେ ରିଲିଜ ହେବ । ଏହି ଫିଲ୍ମରେ ଈଶାଙ୍କ ସହ ଅମିତ ସାଧ, ତିଗମାଂଶୁ ଧୁଲିଆ, ସୀମା ବିଶ୍ୱାସ, ମିଲିନ୍ଦ ଗୁଣାଜୀ ଏବଂ ଦୁଷ୍ୟନ୍ତ ୱାଘ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି ।



ବୋଇତ ବନ୍ଦାଣ

କାର୍ତ୍ତିକ ମାସର ଶେଷ ଲଗନରେ
ବୋଇତ ବନ୍ଦାଣ ଆସଇ
ବୋଇତ ବନ୍ଦାଣ ପ୍ରତିଛବି ପରା
ଆମ ଆଖି ଆଗେ ଭାସଇ ।
ଇତିହାସ କହେ କଳିଙ୍ଗ ରାଇଜ
ସାଧବ ପୁଅଙ୍କ କାହାଣୀ
ଆଜିର ଓଡ଼ିଆ ଏକଥା ପଢ଼ିକି
ଚାହେଁ ବୋକା ପରି ଚାହାଣି ।
ସାତ ସମୁଦର ପାର ହୋଇକରି
ସାଧବେ ବିଦେଶ ଯାଆନ୍ତି
ଏ ଦେଶ ଦରବ ବିଦେଶରେ ବିକି
ଅତ୍ୟଧିକ ଲାଭ ପାଆନ୍ତି ।
ବିଦେଶ ଦରବ ବୋଇତରେ ଲଦି
ଆମରି ଦେଶକୁ ଆଣନ୍ତି
ମଝି ଦରିଆରେ ବଡ଼ବଡ଼ ପାଲ
ବୋଇତ ଦେହରେ ଟାଣନ୍ତି ।
କାର୍ତ୍ତିକ ମାସରେ ବିଦେଶ ଯାଆନ୍ତି
ଭାଦ୍ରବରେ ଦେଶେ ଫେରନ୍ତି
ସାଧବ ଘରଣୀ ବନ୍ଦାପନା ଲାଗି
ବୋଇତକୁ କୂଳେ ଘେରନ୍ତି ।
ଜାଭା, ସୁମାତ୍ରା, ସିଂହଳ, ବୋର୍ଣ୍ଣିଓ
ବାଲି ଦ୍ୱୀପେ ପୋତ ଲାଗଇ
ଅନ୍ତର୍ବାଣିଜ ଓ ବହିର୍ବାଣିଜ୍ୟର
କଥା ଆମ ମନେ ଜାଗଇ ।
ସାହସୀ କଳିଙ୍ଗ ସାଧବ ସନ୍ତାନେ
କଳିଙ୍ଗ ସାଗରେ ଯାଇକି
ଧନରତ୍ନ ବୋହି ଆଣୁଥିଲେ ପରା
ବେପାରରେ ଲାଭ ପାଇକି ।
ଆଜି ସେହିକଥା ସ୍ମୃତି ପାଲଟିଛି
ଇତିହାସ ସାକ୍ଷୀ ରହିଛି
ସେକଥା ଭାବିକି କଳିଙ୍ଗ ସନ୍ତାନ
କେବଳ ନିରବେ ରହିଛି ।
ସେହି ସ୍ମୃତି ଉନ୍ମୋଚନ ଆଧାରରେ
ବୋଇତ ବନ୍ଦାଣ କରୁଛି
ସୋଲ, କାଗଜ ଓ କଦଳୀ ପଟୁଆ
ଡ଼ଙ୍ଗା ମେଲିବାକୁ ଧରୁଛି ।
" ଆକାମାବେ ପାନଗୁଆ ଥୋଇ "
ଗୀତଟିକୁ ଗାଇ ଦେଇକି
ନଦୀ, ନାଳ, ପୁଷ୍କରିଣୀ, ସାଗରରେ
ଡ଼ଙ୍ଗା ମେଲିଦିଏ ନେଇକି ।
ଠାବେଠାବେ ବାଲିଯାତ୍ରା ବସୁଅଛି
ବୋଇତ ବନ୍ଦାଣ ପରବେ
କଳିଙ୍ଗ ସନ୍ତାନ ଗରବ କରନ୍ତି
ଧନ୍ୟ ମଣିଥାନ୍ତି ସରବେ ।

ନିରଞ୍ଜନ ସାହୁ
ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ
ମୋ: ୯୯୩୮୭୪୧୫୮୩

ଆସିଛି କାର୍ତ୍ତିକ ପୁନେଇଁ

ଆସିଛି କାର୍ତ୍ତିକ ପୁନେଇଁ
ବୋଇତ ଦେବାରେ ଭସେଇ
ଫୁଲରେ ଡଙ୍ଗାକୁ ସଜେଇ
ଗୁଆ ପାନକୁ ଦବା ଥୋଇ ॥
ଘିଅ ସଳିତାକୁ ଜଳେଇ
ହୁଳହୁଳି ଦବା ପକେଇ
ଆ କା ମା ବୈ ଦେବା କହି
ଧର୍ମ ଡଙ୍ଗା ଦବା ଭସେଇ ॥
ସାଧବ ପୁଅ ବଣିଜରେ
ଯାଇଥିଲେ ଏଇ ତିଥିରେ
ବେପାର କଲେ ବିଦେଶରେ
ଧନ ରତନର ଆଶାରେ ॥
ନୀଳ ଢେଉକୁ ଚିରି ଚିରି
ସାତ ଦରିଆ ଗଲେ ପାରି
ଆସିଲେ ଧନ ସାଥେ ଧରି
ବଢ଼ାଇଲେ ଏ ଦେଶ ଶିରୀ ॥
ଆସିଲେ ସାଧବ ପୁଅ ଫେରି
ବାଜି ଉଠୁଥିଲା ଭେରି ତୁରୀ
ଭଣ୍ଡାର ଆମର ଦେଲେ ଭରି
ଫେରିଲା ଅତୀତ ଶୋଭା ଶିରୀ ॥

ନଳିନୀ ଦାଶ
ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୬୪୯



ମାଆ

ଯାତନା ତା' ପାଇଁ ଚିର ସହଚର
ତଥାପି ଆଜି ସେ ଆନନ୍ଦ ବିଭୋର
ଦୁଃଖରେ ବି ସୁଖ ଖୋଜି ନିଏ
ଭଲ ପାଇବା ଅଜାଡି ଦିଏ
କି ଗୁଣ ଗାଇବି ତାହାର
ସିଏ ତ ମାଆ ମୋର ।
ଏନ୍ତୁଡିଶାଳରୁ ଆଜିଯାଏ
ଅତି ଶରଧାରେ ମୋ ଯତନ ନିଏ
ମୁଁ ଯେବେ କଉଠି ବାହାରେ ଥାଏ
ମୋ ଫେରିବା ବାଟକୁ ଅନେଇଥାଏ
ମୋତେ ଦେଖି ସଜଳ ସଜଳ ତା' ଦୁଇ ଆଖିରୁ
ଗଡି ଆସିଥାଏ ଆନନ୍ଦରେ ଲୁହ ଦୁଇ ଧାର
ସିଏ ତ ମାଆ ମୋର ।
ଜୀବନର ସବୁକିଛି ଅରପି ଦେଇ ମୋ ହିତରେ
ନିଜ ପାଇଁ କିଛି ମାଗି ନାହିଁ କେବେ ତା' ପାଟିରେ
ମୁଁ ଅବା ତା'କୁ ବୁଝିବି କିପରି ପୂର୍ଣ୍ଣରୂପରେ
ଯେତେ ବି ପ୍ରୟାସ କରେ ସତତ ବାକି ରହିଯାଏରେ
କେ ଜାଣି କାହିଁକି ହୃଦୟଟା କହେ
ଦୁନିଆରେ ସବୁଠୁ ମୋ ଆପଣାର
ସିଏ ତ ମାଆ ମୋର ।

ପଦ୍ମନାଭ ମେରୁଲି
ଗଣିତ ଶିକ୍ଷକ,
ବିବେକାନନ୍ଦ ଗୁରୁକୂଳ, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର



ଆମ ସହ ଯୋଡ଼ିହେବାକୁ ଚାହୁଁଥିଲେ ନିଜ ସୁଚିନ୍ତିତ ମତାମତ ଓ ଶିଶୁ ସମ୍ବଳିତ କବିତା କିମ୍ବା ଗଳ୍ପ ଏହି ଇ-ମେଲ୍ ଆଇଡି 2022taranga@gmail.comରେ ପଠାଇବାକୁ ଅନୁରୋଧ ।
-'ସମୟ ତରଙ୍ଗ' ପରିବାର

ରାଢ଼ଙ୍ଗର ବାସୁଦେବ ଜୀଉ



ଭଦ୍ରକ ବାଇପାସ୍ ଛକରୁ ପୂର୍ବକୁ ଚାନ୍ଦବାଲି ରାସ୍ତାରେ ମାତ୍ର ଦଶ କିମି ଯିବା ପରେ ପଡିଥାଏ ଦୋଳସାହି ଛକ। ସେଠାରୁ ଉତ୍ତର ଦିଗକୁ ମାତ୍ର ଏକ କିମି ଗଲେ ପଡ଼ିବ ରାଢ଼ଙ୍ଗ ଗାଁ ର ଶ୍ରୀ ଶ୍ରୀ ବାସୁଦେବ ଜୀଉ ମନ୍ଦିର, ସିଦ୍ଧେଶ୍ୱର ମନ୍ଦିର ତଥା ପବିତ୍ର ହରିହର ଧାମ। ବାସୁଦେବ ଜୀଉ ମନ୍ଦିର ଏକ ପ୍ରାଚୀନ ମନ୍ଦିର। ଏକ ଲୋକକଥା ରହିଛି ଯେ ଯେଉଁଠି ବର୍ତ୍ତମାନ ମନ୍ଦିର ଅଛି, ସେଇଠି ଅନେକ ବର୍ଷ ତଳେ ଚାଷୀଭାଇଟିଏ ଜମିରେ ହରଡ ବୁଣିବା ପାଇଁ ହଳ କରୁଥିଲା। ହଳ କରୁକରୁ ହଠାତ୍ ଲଙ୍ଗଳମୁନ ଗୋଟିଏ ଜାଗାରେ ଅଟକିଗଲା ଏବଂ ସେ ଦେଖିଲା ସେ ମାଟିରୁ ରକ୍ତ ଝରୁଛି। ଚାଷୀଭାଇ କାଳବିଳମ୍ବ ନ କରି ହଳ ଛାଡ଼ିଦେଇ ଲୋକଙ୍କୁ ଡାକ ପକାଇଲା ଓ ନିଜେ ଅଚେତ ହୋଇ ତଳେ ପଡ଼ିଗଲା। ଡାକଶୁଣି ଲୋକମାନେ ଦୌଡ଼ିଆସି ସେଠାରେ ରୁଣ୍ଡ ହୋଇଗଲେ ଏବଂ ରକ୍ତଝରୁଥିବା ସ୍ଥାନରେ ମାଟିଖୋଳି ଶଙ୍ଖ ଚକ୍ର ଗଦା ପଦ୍ମଧାରୀ ଏକ କମନୀୟ ଚତୁର୍ଦ୍ଧାମୂର୍ତ୍ତି ବିଗ୍ରହ ପାଇଲେ। ଲୋକଙ୍କର ଆନନ୍ଦର ସୀମା ରହିଲା ନାହିଁ। ଶଙ୍ଖ, ଘଣ୍ଟ ଘଣ୍ଟା, ଖୋଳକରତାଳ, ହରିବୋଲ ହୁଳହୁଳି ଧ୍ୱନିରେ ସ୍ଥାନ ପ୍ରକମ୍ପିତ ହେଲା। ନିକଟରେ ଥିବା ଏକ ବରୁଣ ବୃକ୍ଷ ମୂଳରେ ଠାକୁରଙ୍କ ପାଇଁ ଚାଳ ଘରଟିଏ ନିର୍ମାଣ କରି ଭକ୍ତିପୂତ ଚିତ୍ତରେ ପୂଜାର୍ଚ୍ଚନା କରିବାକୁ ଲାଗିଲେ ଏବଂ ଲୋକମୁଖରେ ସେହି ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବାସୁଦେବଜୀଉ ନାମରେ ପରିଚିତ ହେଲେ। ସେତେବେଳେ ରାଢ଼ଙ୍ଗ ଗ୍ରାମରେ "ମକଦ୍ଦମ" ବସୁଥିଲା। ଆଖପାଖ ତାଲୁକ୍ ଯଥା; ଗାଜିପୁର, ହାଟୁ ଆରୀ, ପାଳିଆ, ଗୋରା ମାଟି, ପଲ୍ଲୀ ପଗଡ, ସାବରଙ୍ଗ, ଇଚ୍ଛାପୁରର ଲୋକମାନଙ୍କର ଜମିବାଡ଼ି ସମ୍ପର୍କିତ ସମସ୍ୟା ଉପରେ ମୀମାଂସା ଓ ବିଚାର କରାଯାଉଥିଲା। ବାସୁଦେବଜୀଉଙ୍କ ବିଜେସ୍ଥଳୀରେ ମନ୍ଦିର ନିର୍ମାଣ ପାଇଁ ସ୍ୱର୍ଗତଃ ଶ୍ରୀଧର ସେନାପତି, କୃପାରୁ ଉତ୍ତୀର୍ଣ୍ଣ ହେବାରୁ ସେ ଗାଁର ପ୍ରଭାକର ସେନାପତି, ଶଶଧର ସେନାପତି, ଦିବାକର ପାଣି ଓ ନିରାକାର ସେନାପତି ପ୍ରମୁଖଙ୍କ ସହଯୋଗରେ ଠାକୁରଘରର ଛାତ ପକାଇ ପୁରାତନ ଜରାଜୀର୍ଣ୍ଣ ମନ୍ଦିରର ପୁନରୁଦ୍ଧାର, ପୁନର୍ଗଠନ କାର୍ଯ୍ୟକରି ମନ୍ଦିରବେଢ଼ାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସରକାରୀ ଅନୁଦାନରେ ଉକ୍ତ ମନ୍ଦିରକୁ ଏକ ପୂର୍ଣ୍ଣାଙ୍ଗ ଭବ୍ୟ ମନ୍ଦିରର ରୂପରେଖ ପ୍ରଦାନ କରାଯାଇଅଛି। ଏହା ସହିତ ୨୦୧୦ ମସିହାରେ ବାସୁଦେବଜିୟୁ ମନ୍ଦିରକୁ ଲାଗି ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ନିର୍ମାଣ କରାଯାଇଅଛି। ଶ୍ରଦ୍ଧାଳୁ ଭକ୍ତମାନେ ମହାଦେବଙ୍କ ପୂଜା ଓ ସାଧନା କରି ସିଦ୍ଧିଲାଭ କରିଥିବାରୁ ସେ ବାବା ସିଦ୍ଧେଶ୍ୱର ନାମରେ ପରିଚିତ। ଅତୀତରେ ବସୁଦେବଜୀଉ ଓ ସିଦ୍ଧେଶ୍ୱର ମନ୍ଦିର ମଝିରେ ଏକ ବିରାଟ ବିଲ୍ବ ବୃକ୍ଷ ଥିଲା। ବାସୁଦେବଜୀଉଙ୍କ ମହିମା ଅପାର। ଦୁଃଖଜଞ୍ଜାଳରେପଡ଼ି ଭକ୍ତଟିଏଆକୁଳଚିତ୍ତରେଡାକିଦେଲେସେଡାକ ଶୁଣିଥାନ୍ତି। ବିପଦ ଆପଦ ଓ ବଡ଼ି ମରୁଡିକୁ ସାହାଭରସା, ଏ ଅଞ୍ଚଳର ସେହିଁ ଡାକୁଆ ଦେବତା, ପ୍ରତ୍ୟକ୍ଷ ଦେବତା। ବିପତ୍ତି କାଳରେ ଭକ୍ତର ଭାବପୂର୍ଣ୍ଣ ଡାକରେ ସେ ଉଭାହୋଇଯାଆନ୍ତି। ସେଇଥିପାଇଁ ତ ବର୍ଷର ପ୍ରାୟସମୟରେ ପୂଜାର୍ଚ୍ଚନା ଭୋଗରାଗ ଲାଗିରହିଥାଏ। ଠାକୁରଙ୍କର ମୁଖ୍ୟ ପୂଜାଉତ୍ସବ ହେଉଛି ଅଁଳାନବମୀ ଠାରୁ ରାହାସପୂର୍ଣ୍ଣିମା ପର୍ଯ୍ୟନ୍ତ ସାତ ଦିନ ଧରି "ପଞ୍ଚୁକଯାତ୍ରା"। ଏହି ଅବସରରେ ଶ୍ରୀମଭାଗବତ ପାରାୟଣ ଓ ନାମସଙ୍କୀର୍ତ୍ତନ କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥଙ୍କ ସମାଗମ ହେବାସହ ଧାରାବାହିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଛୋଟ ଛୋଟ ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ସ୍ଥାନୀୟ କଳାକାରଙ୍କୁ ନେଇ ଭଜନ ସମାରୋହ ଆୟୋଜନ କରାଯାଇଥାଏ ଏବଂ ଶହ ଶହ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ ସହ ଅନ୍ନପ୍ରସାଦ, ବଡ଼ଭୋଗ ସେବନ କରି ନିଜକୁ କୃତାର୍ଥ ମଣିଥାନ୍ତି। ବାସୁଦେବ ଜୀଉଙ୍କ ମନ୍ଦିର ଭିତରେ ମା ବାସୁଳୀ ମଙ୍ଗଳା ମହାଲକ୍ଷ୍ମୀରୂପେ ପୂଜାପାଉଥିବାରୁ ପବିତ୍ର ପଣାସଂକ୍ରାନ୍ତିରେ ପଣାସେବନ ସହ ସଙ୍ଗୀତର ତାଳେ ତାଳେ ପାଟୁଆ ନାଚ ଏକ ଭାବଭକ୍ତିର ମାହୋଲ ସୃଷ୍ଟି କରିଥାଏ। ସେହିପରି "ଜାଗର" ଦିନ ଶ୍ରଦ୍ଧାଳୁମାନେ ଉପବାସ ରହି ସିଦ୍ଧେଶ୍ୱର ମହାଦେବଙ୍କ ପାଖରେ କ୍ଷୀର, ବେଲପତ୍ର, କଦଳୀ ନଡ଼ିଆ ଭୋଗ ସମର୍ପଣ କରି ଦୀପ ଜାଳି ସ୍ତୁତି କରିଥାନ୍ତି ଓ ରାତିରେ ଭକ୍ତଙ୍କ ଗହଣରେ ମହାଦୀପ ଉଠିବା ଦୃଶ୍ୟରେ ପରିବେଶ ଶିବମୟ ହୋଇଥାଏ। ବର୍ତ୍ତମାନ ସ୍ଥାନୀୟ ଜନସାଧାରଣ ଏହି ପବିତ୍ର ପୀଠର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ସରକାର ଟ୍ରଷ୍ଟିବୋର୍ଡ ମାଧ୍ୟମରେ ହାତକୁ ନିଅନ୍ତୁ ବୋଲି ଦାବି ହେଉଛି।

-ପ୍ରାଧାପକ ଶିବ ଚରଣ ଖାମୁରାଇ

ଓଡ଼ିଶାର ଗାଁ ଗାଁରେ ରହିଛି ଅନେକ ମନ୍ଦିର ଯେଉଁଗୁଡ଼ିକ ନିଜର ଅଦ୍ଭୁତ ନିର୍ମାଣଶୈଳୀ ଓ କାରୁକାର୍ଯ୍ୟ ପାଇଁ ସର୍ବତ୍ର ବିଦିତ। ସେହିଭଳି ଏକ ମନ୍ଦିର ହେଉଛି ଭଦ୍ରକର ରାଢ଼ଙ୍ଗ ଗ୍ରାମର ଶ୍ରୀଶ୍ରୀ ବାସୁଦେବ ଜୀଉଙ୍କ ମନ୍ଦିର, ଯାହା ହେଉଛି ଓଡ଼ିଶାର କଳା ଭାସ୍କର୍ଯ୍ୟର ଏକ ଅପରୂପ ଉଦାହରଣ ।

ମାୟାଧର ସେନାପତି, ଅକ୍ଷୟ ସେନାପତି ଓ ରତ୍ନାକର ସେନାପତି ଜମିଦାନ ସହ ଠାକୁରଙ୍କ ପାଖରେ ଲାଗି ହେଉଥିବା "ଖଇଭୋଗ," ପାଇଁ ପୂଜକଙ୍କୁ ଖଇବିଲ ନାମରେ ନିଃଶୁଳ୍କ ଜମି ପ୍ରଦାନ କରିଥିଲେ। ସମୟକ୍ରମେ ଠାକୁରଙ୍କ ପାଇଁ ଗ୍ରାମର ମାନଗୋବିନ୍ଦ ଦୀକ୍ଷିତ ସ୍ଥାନୀୟ ଲୋକଙ୍କ ସହଯୋଗରେ ଗାଁ ପାଖ ଦେଇ ବହିଯାଉଥିବା କୁଣ୍ଡିନଦୀରୁ ଗେଙ୍ଗୁଟି ପଥର ସଂଗ୍ରହ କରି, ତାକୁ ନିଆଁରେ ପୋଡି, ଢେଙ୍କିରେ କୁଟି ସୁଡୁକି ତିଆରି କରି ବାଲି ଓ ଚୂନ ମିଶା କାନ୍ଥସହ ଏକ ଟାଇଲ ଘର ନିର୍ମାଣ କରିଥିଲେ। ଠାକୁର ସେହି ଘରେ ଅନେକ ଦିନ ଧରି ପୂଜା ପାଇଲେ। ମାତ୍ର, ରାଢ଼ଙ୍ଗର ଆଦର୍ଶ ଶିକ୍ଷକ ଭାସ୍କର ଚନ୍ଦ୍ର ଦୀକ୍ଷିତ ସେ ଅଞ୍ଚଳରେ ପ୍ରଥମ ଥର କରି ବି. ଇଡି ପରୀକ୍ଷାରେ ବାସୁଦେବଜୀଉଙ୍କ

ବାଣର ବିକଳ୍ପ ପ୍ଲାଷ୍ଟିକ ବୋତଲ



ବର୍ତ୍ତମାନ ସମସ୍ତେ ପୃଥିବୀରୁ ପ୍ରଦୂଷଣ କମାଇବାକୁ ଚେଷ୍ଟା ଜାରି ରଖିଛନ୍ତି । ତେବେ ବାଣରୁ ସବୁଠାରୁ ଅଧିକ ପ୍ରଦୂଷଣ ହେଉଥିବାରୁ ଏହାକୁ କିଭଳି ପ୍ରଦୂଷଣ ମୁକ୍ତ କରିହେବ ସେଥିପାଇଁ ସମସ୍ତେ ଚେଷ୍ଟା ଜାରି ରଖିଛନ୍ତି । ତେବେ ମୋହାଲିସ୍ଥିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେସନ୍ ଆଣ୍ଡ୍ ରିସର୍ଚ୍ଚର ରାସାୟନିକ ବୈଜ୍ଞାନିକ ଡାକ୍ତର ସମ୍ରାଟ୍ ଘୋଷ ଏହି ସମସ୍ୟାର ସମାଧାନ ପାଇଁ କିଛି ବାଟ ବାହାରକରିଛନ୍ତି, ଯାହା ବର୍ତ୍ତମାନ ଖୁବ ଚର୍ଚ୍ଚାରେ ଅଛି। ସେ ପ୍ଲାଷ୍ଟିକ ବୋତଲକୁ ବ୍ୟବହାର କରି ପ୍ରସ୍ତୁତ କରିଛନ୍ତି ସୁନ୍ଦର ବାଣ । ଆଇଆଇଏସଇଆର ମୋହାଲିର ରସାୟନ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ ଡାକ୍ତର ଘୋଷ ଦହନ

ପର୍ବ ହେଉ କି ବିବାହ କିମ୍ବା କୌଣସି ଉତ୍ସବ ବାଣ ବିନା ଏହା ଅଧୁରା ରହିଥାଏ । ତେବେ କିଛି ସମୟ ପାଇଁ ଖୁସି ଦେଉଥିବା ଏହି ବାଣ କିନ୍ତୁ ଧୂଆଁର ବାଦଲ, ବାରୁଦର ଗନ୍ଧ ଏବଂ ପୋଡ଼ା ଅଳିଆ ଗଦା ସୃଷ୍ଟିର ପ୍ରଥମ କାରଣ ପାଲଟେ । ତେବେ ପ୍ଲାଷ୍ଟିକ ବୋତଲକୁ ବ୍ୟବହାର କରି ଏଭଳି ଏକ ଉଦ୍ଭାବନ ରହିଛି ଯାହା ବାଣର ବିକଳ୍ପ ହୋଇ ପାରିବ ।

ରସାୟନ ବା କମ୍ବସନ୍ କେମେଷ୍ଟ୍ରୀରେ ନିଜର ଦକ୍ଷତାକୁ ଉପଯୋଗ କରି 'ଆଇଆଇଏସଇଆର - ଏମ ପ୍ରଦୂଷଣମୁକ୍ତ ବାଣ' ବିକଶିତ କରିଥିଲେ । ଏହାର ପ୍ରଥମ ପ୍ରୋଟୋଟାଇପ୍ ପୁନଃବ୍ୟବହୃତ ପ୍ଲାଷ୍ଟିକ୍ ବୋତଲ ଏବଂ ଏକ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଦହନଶୀଳ ମିଶ୍ରଣକୁ ବ୍ୟବହାର କରି ତିଆରି କରାଯାଇଥିଲା । କାଗଜ ଖୋଳ ଭିତରେ ରାସାୟନିକ ପଦାର୍ଥ ଭର୍ତ୍ତି କରିବାର ପାରମ୍ପରିକ ବ୍ୟବସ୍ଥା ବଦଳରେ ତାଙ୍କର ଏହି ଉପକରଣଟି ଏକ ଛୋଟ ଲଞ୍ଚର୍ ମେକାନିଜମ ମାଧ୍ୟମରେ କାମ କରୁଥିଲା । ଯେତେବେଳେ ଏକ ସ୍ପାର୍କ ଦ୍ୱାରା ଏହାକୁ ସକ୍ରିୟ କରାଯାଏ, ସେତେବେଳେ ଦହନଶୀଳ ପଦାର୍ଥ ଜଳି ଉଠେ ଏବଂ ଚାପ ସୃଷ୍ଟି କରେ, ଯାହା ବୋତଲଟିକୁ ଏକ ରକେଟ୍ ଭଳି ଉପରକୁ ଠେଲି ଦିଏ ଏବଂ ଏକ ବଡ଼ ଶବ୍ଦ ସୃଷ୍ଟି କରି ପାରମ୍ପରିକ ବାଣର ରୋମାଞ୍ଚ ଭରିଦିଏ । ତେବେ ଏହାର ପାରିପାର୍ଶ୍ୱିକ ପ୍ରଭାବ ଖୁବ ସଫାଥିଲା । ଡାକ୍ତର ଘୋଷଙ୍କ ଏହି ଫର୍ମୁଲେସନରୁ କୌଣସି ଦୃଶ୍ୟମାନ ଧୂଆଁ କିମ୍ବା କ୍ଷତିକାରକ କଣିକା ବାହାରୁ ନଥିଲା ଏବଂ ଏହା ପଛରେ କୌଣସି ପୋଡ଼ା ଅଳିଆ ମଧ୍ୟ ନଥିଲା । ଏହାର ଆଉ ଏକ ଅସାଧାରଣ ବୈଶିଷ୍ଟ୍ୟ ଥିଲା ଯେ ଏହାର ଶବ୍ଦର ସ୍ତରକୁ ନିୟନ୍ତ୍ରଣ କରାଯାଇପାରୁଥିଲା, ଯାହା ଫଳରେ ବ୍ୟବହାରକାରୀମାନେ ବିସ୍ଫୋରଣ କେତେ ଜୋରରେ ହେବ ତାହା ନିଜ ଇଚ୍ଛାନୁସାରେ ସ୍ଥିର କରିପାରୁଥିଲେ । ଏପରିକି ଦହନଶୀଳ ମିଶ୍ରଣରେ ବ୍ୟବହୃତ ଉପାଦାନ ଉପରେ ନିର୍ଭର କରି ଏହି ଉପକରଣଟି ପବନରେ ସୁଗନ୍ଧ ମଧ୍ୟ ଭରିପାରୁଥିଲା । ତାଙ୍କ ଟିମ୍ ଉଭୟ ଆକାଶମାର୍ଗରେ ଫୁଟୁଥିବା ଏବଂ ଭୂମିରେ ଫୁଟୁଥିବା ପ୍ରୋଟୋଟାଇପ୍ ବିକଶିତ କରିଥିଲେ ଏବଂ ଏହି ପ୍ରକ୍ରିୟାରେ ବୋତଲଟି ନଷ୍ଟ ନହୋଇ କେବଳ ଉପରକୁ ଉତ୍କ୍ଷେପଣ ହେଉଥିବାରୁ ଏହାକୁ ବାରମ୍ବାର ବ୍ୟବହାର ଉପଯୋଗୀ ଭାବେ ଡିଜାଇନ୍ କରାଯାଇଥିଲା ।



ପ୍ରୋଟୋଟାଇପ୍ ବିକଶିତ କରିବାର ବର୍ଷକ ପରେ ଡାକ୍ତର ଘୋଷ ଏବଂ ତାଙ୍କ ଟିମ୍ ଏହି ଫର୍ମୁଲେସନକୁ ଅଧିକ ଶସ୍ତା କରିବାର ଉପାୟ ଖୋଜିବା ଆରମ୍ଭ କରିଥିଲେ ଏବଂ ତାଙ୍କର ପରବର୍ତ୍ତୀ ପରୀକ୍ଷଣରେ ପରିଶୋଧିତ ଗୋମୂତ୍ର ଭଳି ଏକ ଅପ୍ରତ୍ୟାଶିତ ଉପାଦାନ ସାମିଲ ହୋଇଥିଲା । ୨୦୧୯ ମସିହାରେ ତାଙ୍କ ଟିମ୍ ଏହି ଉପାଦାନ ବ୍ୟବହାର କରି ସବୁଜ ବାଣର ଏକ ଶସ୍ତା ସଂସ୍କରଣ ବିକଶିତ କରିଥିଲେ, ଯାହାଦ୍ୱାରା ଶବ୍ଦ, ଆଲୋକ ଏବଂ ଉଡ଼ାଣ କ୍ଷମତାରେ କୌଣସି ପରିବର୍ତ୍ତନ ନଆଣି ଉତ୍ପାଦନ ଖର୍ଚ୍ଚ ୫୦ ପ୍ରତିଶତ ହ୍ରାସ ପାଇଥିଲା ବୋଲି ଡାକ୍ତର ଘୋଷ କହିଥିଲେ । ଏହି ଜୈବିକ ଫର୍ମୁଲେସନରୁ କୌଣସି କ୍ଷତିକାରକ କଣିକା ନିର୍ଗତ ହୁଏ ନାହିଁ ବୋଲି ଟିମ୍ ଦାବି କରିଥିବା ବେଳେ ଦହନ ସମୟରେ ନିର୍ଗତ ଗ୍ୟାସର ବିଶ୍ଳେଷଣ ପାଇଁ ଆଇଆଇଏସଇଆରରେ ଏକ ଅଧ୍ୟୟନ ମଧ୍ୟ କରାଯାଉଥିଲା । ଏହି ପ୍ରଯୁକ୍ତିବିଦ୍ୟାକୁ ବ୍ୟାପକ ଭାବେ ଗ୍ରହଣୀୟ କରିବା ପାଇଁ ଏହାକୁ ଯଥେଷ୍ଟ ଶସ୍ତା କରିବା ହିଁ ଏହି ପରୀକ୍ଷଣର ମୂଳ ଉଦ୍ଦେଶ୍ୟ ଥିଲା ।

ଡାକ୍ତର ଘୋଷଙ୍କ ପାଇଁ ଏହାର ଉଦ୍ଦେଶ୍ୟ କେବଳ ଆଉ ଏକ ବାଣ ତିଆରି କରିବା ନଥିଲା, ବରଂ ପାରମ୍ପରିକ ବାଣ ସହ ଜଡ଼ିତ ସମସ୍ୟାଗୁଡ଼ିକର ସମାଧାନ କରି ଏକ ନିରାପଦ ଓ ପରିବେଶ ଉପଯୋଗୀ ବାଣ ପ୍ରସ୍ତୁତ କରିବାରଥିଲା । ତାଙ୍କର ଏହି ଉଦ୍ଭାବନର ଦୀପାବଳି ସହିତ ଅନ୍ୟକାର୍ଯ୍ୟ ଯେପରି କୃଷିକ୍ଷେତ୍ରରୁ ବନ୍ୟଜନ୍ତୁମାନଙ୍କୁ ଘଉଡ଼ାଇବା କିମ୍ବା ବିମାନବନ୍ଦର ରନୱେକୁ ପକ୍ଷୀମୁକ୍ତ ଓ ସଫା ରଖିବାରେ ଏହା ସହାୟକ ହୋଇପାରିବ। ୨୦୧୮ ର ରିପୋର୍ଟ ଅନୁଯାୟୀ ଏହି ପ୍ରଯୁକ୍ତିବିଦ୍ୟା ସେତେବେଳେ ବିକାଶଧୀନ ଅବସ୍ଥାରେ ଥିଲା ଏବଂ ଏହାର ବ୍ୟବସାୟୀକରଣ ତଥା ବ୍ୟାପକ ବ୍ୟବହାର ପ୍ରତିଷ୍ଠିତ ହୋଇନଥିବାବେଳେ ଏହା ପେଟେଣ୍ଟ ଅପେକ୍ଷାରେ ରହିଥିଲା । ତେବେ ଏହିଭଳି ଆହୁରି ଗବେଷଣା କରାଗଲେ ଅନେକ ପ୍ରକାରର ସମାଧାନ ବାହାରିବ ବୋଲି ମତ ପ୍ରକାଶ ପାଇଛି ।



ଭାଗ୍ୟ

ବେଳେବେଳେ ଆଈମା କାହାଣୀ ଗୁଡିକ ଖୁବ ମନୋରଞ୍ଜନକର ହୋଇଥାଏ। ସେହିଭଳି ଏକା କାହାଣୀ ହେଲା ଭାଗ୍ୟ । ଏଥିରେ ଭାଗ୍ୟରେ ଥିଲେ ମାଟି କିପରି ସୁନା ହୁଏ ସେ ସମ୍ପର୍କରେ ଗପ ମାଧ୍ୟମରେ ବୁଝା ଯାଇଛି ।

ଏକାକୀ ଏବଂ ଶାନ୍ତ ପରିବେଶରେ ଥିବା ଏକ କାଳ୍ପନିକ ଗାଁରେ ମୋହନ ଓ ମଦନ ନାମକ ଦୁଇ ଭାଇ ନିଜ ନିଜର ପରିବାର ସହିତ ଅଲଗା ଅଲଗା ଘରେ ବାସ କରୁଥିଲେ । ବଡ଼ ଭାଇ ମୋହନ ଅତ୍ୟନ୍ତ ଚାତୁରୀ, ବୁଦ୍ଧିମାନ ଏବଂ ବ୍ୟବସାୟିକ ବୁଦ୍ଧିଥିବା ବ୍ୟକ୍ତି ଥିବା ବେଳେ, ସାନ ଭାଇ ମଦନ ଥିଲେ ଅତି ସରଳ, ଭୋଳା ଏବଂ ସାମାନ୍ୟ ଜ୍ଞାନର ଅଭାବ ଥିବା ଜଣେ ବ୍ୟକ୍ତି । ଦିନେ ମଦନ ଲକ୍ଷ୍ୟ କଲେ ଯେ ବଡ଼ ଭାଇ ମୋହନ ପ୍ରତିଦିନ ଘରର ବିଭିନ୍ନ ପନିପରିବା ଓ ଜିନିଷପତ୍ର ହାଟକୁ ନେଇ ବିକ୍ରି କରୁଛନ୍ତି ଏବଂ ସେଥିରୁ ଭଲ ପଇସା ରୋଜଗାର କରୁଛନ୍ତି । ଏହା ଦେଖି ମଦନଙ୍କ ମନରେ ମଧ୍ୟ ବ୍ୟବସାୟ କରି ପଇସା ରୋଜଗାର କରିବାର ଇଚ୍ଛା ଜାଗ୍ରତ ହେଲା। ମୋହନଙ୍କ ପରି ତାଙ୍କ ପାଖରେ ବିକ୍ରି କରିବା ପାଇଁ ପନିପରିବା ନଥିଲା, କିନ୍ତୁ ତାଙ୍କର ଗୋଟିଏ ବଳଦ ଥିଲା। ତେଣୁ ମଦନ ଭାବିଲେ ଯେ ସେ ନିଜର ସେହି ବଳଦଟିକୁ ହାଟକୁ ନେଇ ବଡ଼ ଚଢ଼ା ଦରରେ ବିକ୍ରି କରି ଦେବେ । ପରଦିନ ସକାଳେ ସେ ବଳଦକୁ ଧରି ହାଟକୁ ବାହାରିଲେ । ବାଟରେ ଯାଉଥିବା ସମୟରେ ସେ ରାସ୍ତା କଡ଼ରେ ଏକ ବିଶାଳକାୟ ପୁରୁଣା ଗଛ ଦେଖିଲେ । ସେହି ଗଛ ଭିତରୁ ପବନ ବାଜି କିଛି ଶବ୍ଦ ହେଉଥିଲା, ଯାହାକୁ ମଦନ ଭୁଲ୍ୱଶତଃ ଗଛର କଥାବାର୍ତ୍ତା ବୋଲି ଭାବି ନେଲେ । ମଦନ ସେହି ଗଛକୁ ହିଁ ନିଜ ବଳଦ ବିକ୍ରି କରିବାକୁ ସ୍ଥିର କଲେ ଏବଂ ଗଛକୁ ପଚାରିଲେ ଯେ ସେ ବଳଦ କିଣିବ କି ନାହିଁ ଏବଂ ତାହାର ଦାମ ଦେବ କି ନାହିଁ । ଗଛରୁ କୌଣସି ଉତ୍ତର ନ ମିଳିବାରୁ, ମଦନ ନିଜ ମନରେ ଭାବିଲେ ଯେ ଗଛଟି କହୁଛି ଯେ ଆଜି ପାଖରେ ପଇସା ନାହିଁ, ତେଣୁ କାଲି ଆସିଲେ ପଇସା ଦେବ । ଏହି କଥାକୁ ବିଶ୍ୱାସ କରି ମଦନ ସେହି ଗଛ ପାଖରେ ବଳଦକୁ ଛାଡ଼ିଦେଇ ଖାଲି ହାତରେ ଘରକୁ ଫେରି ଆସିଲେ। ଘରେ ପହଞ୍ଚିବା ପରେ ବଡ଼ ଭାଇ ମୋହନ ତାଙ୍କୁ ପଚାରିଲେ ଯେ ବଳଦଟିକୁ କେଉଁଠି ଛାଡ଼ି ଆସିଛ ? ଉତ୍ତରରେ ମଦନ କହିଲେ ଯେ ସେ ବଳଦକୁ ଜଣକୁ ବିକ୍ରି କରିଦେଇଛନ୍ତି । ମୋହନ ପଇସା ଆଣିଛ କି ନାହିଁ ପଚାରିବାରୁ, ମଦନ ସରଳ ଭାବରେ କହିଲେ ଯେ କାଲି ଦେବ ବୋଲି କହିଛି, ଆଜି ମାଗଣାରେ ଦେଇ ଆସିଛି । ଏହା ଶୁଣି ମୋହନ ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ଚୁପ୍ ରହିଲେ । ପରଦିନ ସକାଳେ ମଦନ ପୁଣି ସେହି ଗଛ ପାଖକୁ ଗଲେ ଏବଂ ଗଛକୁ କହିଲେ, "ଭାଇ, ମୋ ପଇସା ମତେ ଶୀଘ୍ର ଦିଅ, ମୋର ବହୁତ କାମ ଅଛି" । କିନ୍ତୁ ଗଛ ପଟୁ କୌଣସି ଉତ୍ତର ନ ମିଳିବାରୁ ପୁଣି ସେ ସେହି ଦିନ ପାଇଁ ଘରକୁ ଫେରି ଆସିଲେ। ଏହିପରି ଭାବରେ କିଛି ଦିନ ଚାଲିବା ପରେ ମୋହନ ସବୁ ସତକଥା ଜାଣିବାକୁ ପାଇଲେ ଏବଂ ଭାଇକୁ ବୁଝାଇଲେ ଯେ ଗଛ କେବେ ବଳଦ କିଣି ପଇସା ଦିଏ ନାହିଁ। ତୁମେ ମୂର୍ଖ ପରି ଏହା କରୁଛ । ବଡ଼ ଭାଇଙ୍କ ଏଭଳି କଥା ଶୁଣି ଏବଂ ନିଜର ବର୍ଷକର ବଳଦ ହରାଇଥିବାରୁ ମଦନଙ୍କ ଭିତରେ ପ୍ରବଳ ରାଗ ଜାତ ହେଲା।



ପରଦିନ ସକାଳେ ସେ ଅତ୍ୟନ୍ତ କ୍ରୋଧିତ ହୋଇ ଏକ କୁରାଢ଼ୀ ଧରି ସେହି ଗଛମୂଳକୁ ପହଞ୍ଚିଗଲେ । ସେ ଗଛକୁ ଉଦ୍ଦେଶ୍ୟ କରି କହିଲେ, "ଆଜି ମୁଁ କୌଣସି ବାହାନା ଶୁଣିବି ନାହିଁ, ମୋର ପଇସା ମତେ ବର୍ତ୍ତମାନ ଫେରାଇ ଦିଅ" । କିନ୍ତୁ ଗଛରୁ କୌଣସି ପ୍ରତିକ୍ରିୟା ନ ପାଇବାରୁ ମଦନ ଆହୁରି ଅଧିକ ରାଗିଗଲେ ଏବଂ ଅଧୈର୍ଯ୍ୟ ହୋଇ କୁରାଢ଼ୀରେ ଗଛକୁ ମାଡ଼ ପରେ ମାଡ଼ ମାରିବାକୁ ଲାଗିଲେ । କିଛି ସମୟର କଠିନ ପରିଶ୍ରମ ପରେ ଶେଷରେ ଗଛଟି ଭାଙ୍ଗି ତଳେ ପଡ଼ିଗଲା । ଗଛଟି ଭାଙ୍ଗିବାକ୍ଷଣି ତାହାର ମୂଳ ପାଖରେ ମାଟି ତଳୁ ଏକ ଧନ ଗଣ୍ଠି ବାହାରି ପଡ଼ିଲା । ମଦନ ଅତ୍ୟନ୍ତ ଆଗ୍ରହ ଏବଂ ଉତ୍ସାହର ସହିତ ସେହି ଧନଗଣ୍ଠିକୁ ଉଠାଇ ନେଲେ ଏବଂ ତାହାକୁ ଖୋଲି ଦେଖିଲେ ଯେ ଭାଗ୍ୟବଶତଃ ସେଥିରେ ଅନେକ ମୂଲ୍ୟବାନ ସୁନା ଅଳଙ୍କାର ଏବଂ ଧନରତ୍ନ ଭର୍ତ୍ତି ହୋଇ ରହିଛି । ଏତେ ସବୁ ସୁନା ଏବଂ ଧନ ଦେଖି ମଦନ ଆନନ୍ଦରେ ନାଚି ଉଠିଲେ। ସେ ଭାବିଲେ ଯେ ସେହି ବଡ଼ ଗଛଟି ପ୍ରକୃତରେ ଭୟଭୀତ ହୋଇ ତାଙ୍କ ବଳଦ ବଦଳରେ ଏତେଗୁଡ଼ିଏ ସୁନା ତାଙ୍କୁ ଉପହାର ସ୍ୱରୂପ ଦେଇଛି । ସେହି ସମସ୍ତ ସୁନା ଅଳଙ୍କାରକୁ ସେ ଖୁବ୍ ସାଇତି ନିଜ ଘରକୁ ଧରି ଫେରିଲେ । ସେହି ଦିନଠାରୁ ମଦନଙ୍କର ସମସ୍ତ ଦୁଃଖ ଦୂର ହୋଇଗଲା ଏବଂ ସେ ସେହି ଧନ ସାହାଯ୍ୟରେ ବେଶ୍ ଆନନ୍ଦ ଓ ଖୁସିରେ ନିଜର ଦିନ ଅତିବାହିତ କରିବାକୁ ଲାଗିଲେ। ସମସ୍ତେ କହିଲେ ସାନ ଭାଇର ଭାଗ୍ୟ ଖୁବ ଭଲ ତେଣୁ ମାଟି ବି ସୁନା ପାଲଟିଗଲା ।



ବିଶ୍ୱ ଫୁଟ୍‌ବଲରେ ଯେଉଁ କ୍ଲବ୍‌ର ନାଁ ଶୁଣିଲେ ଦିନେ ପ୍ରତିପକ୍ଷ ଶିବିରରେ ଭୟ ସୃଷ୍ଟି ହେଉଥିଲା, ସେହି ମାଞ୍ଚେଷ୍ଟର ୟୁନାଇଟେଡ୍ ଏବେ ନିଜର ଅସ୍ଥିରତା, ଭୁଲ୍ ରଣନୀତି ଓ ଅତ୍ୟଧିକ ଖର୍ଚ୍ଚ ପାଇଁ ଚର୍ଚ୍ଚାରେ । ଖେଳାଳି କିଣିବାରେ ୨.୨୭ ବିଲିୟନ ପାଉଣ୍ଡ ଖର୍ଚ୍ଚ କରିବା, ପ୍ରଶିକ୍ଷକ ବଦଳାଇବାରେ ୧୦୮ ନିୟୁତ ପାଉଣ୍ଡରୁ ଅଧିକ ବ୍ୟୟ କରିବା ଏବଂ ଆର୍ଥିକ କ୍ଷତି ୪୪୪ ନିୟୁତ ପାଉଣ୍ଡରେ ପହଞ୍ଚିବା ପରେ ମଧ୍ୟ ଦଳ ପ୍ରିମିୟର ଲିଗ୍ ଟାଇଟଲ୍ ଜିତିପାରିନାହିଁ । ଏହା କେବଳ ଗୋଟିଏ ଫୁଟବଲ୍ କ୍ଲବ୍‌ର ଖେଳାଳି ଚୟନର ବିଫଳତା ନୁହେଁ, ବରଂ ଏକ ବିଶାଳ କ୍ରୀଡ଼ା ସଂସ୍ଥାର ପରିଚାଳନାଗତ ସମସ୍ୟାର ପ୍ରତିଫଳନ ।

-ଶକ୍ତି ପ୍ରକାଶ ନନ୍ଦ

ଫୁଟବଲ୍ ଜଗତର ସବୁଠୁ ମହଙ୍ଗା ମାଞ୍ଚେଷ୍ଟର ୟୁନାଇଟେଡ୍

ଏକଦା ସାର୍ ଆଲେକ୍ସ ଫର୍ଗୁସନଙ୍କ ନେତୃତ୍ୱରେ ଇଂଲିଶ ଫୁଟବଲକୁ ଶାସନ କରୁଥିବା ୟୁନାଇଟେଡ୍ ଏବେ ନିଜର ପୁରୁଣା ଗୌରବ ଫେରିପାଇବା ପାଇଁ ସଂଘର୍ଷ କରୁଛି । ପ୍ରତ୍ୟେକ ନୂଆ ପ୍ରଶିକ୍ଷକଙ୍କ ନିଯୁକ୍ତି ସହ ପ୍ରଶଂସକଙ୍କ ମନରେ ନୂଆ ଆଶା ସୃଷ୍ଟି ହୋଇଛି । କିନ୍ତୁ କିଛି ଦିନ ପରେ ସେହି ଆଶା ନିରାଶାରେ ପରିଣତ ହେଉଛି । ପ୍ରଶିକ୍ଷକ ବଦଳିଛନ୍ତି, ଖେଳାଳିଙ୍କ ଉପରେ ବିପୁଳ ଅର୍ଥ ଖର୍ଚ୍ଚ ହୋଇଛି, ହେଲେ ଦଳର ମୂଳ ସମସ୍ୟାର ସମାଧାନ ହୋଇପାରିନାହିଁ ।

ଫର୍ଗୁସନଙ୍କ ଯୁଗରେ ବଡ଼ ସଫଳତା

ମାଞ୍ଚେଷ୍ଟର ୟୁନାଇଟେଡର ସଫଳତାର ସବୁଠୁ ବଡ଼ ଅଧ୍ୟାୟ ଥିଲା ସାର୍ ଆଲେକ୍ସ ଫର୍ଗୁସନଙ୍କ ସମୟ । ୧୯୮୬ରୁ ୨୦୧୩ ପର୍ଯ୍ୟନ୍ତ ଦୀର୍ଘ ୨୭ ବର୍ଷ ଧରି ସେ ଦଳର ଦାୟିତ୍ୱ ତୁଲାଇଥିଲେ । ତାଙ୍କ ନେତୃତ୍ୱରେ ୟୁନାଇଟେଡ୍ ୧୩ଟି ପ୍ରିମିୟର ଲିଗ୍ ଟାଇଟଲ୍ ସହ ଦୁଇଟି ଚାମ୍ପିୟନ୍ସ ଲିଗ୍ ଟ୍ରଫି ଜିତିଥିଲା । ଫର୍ଗୁସନଙ୍କ ଶେଷ ଆଠଟି ସିଜନର ଆର୍ଥିକ ହିସାବ ଦେଖିଲେ ତାଙ୍କ ଦକ୍ଷତା ସ୍ପଷ୍ଟ ହୁଏ । ଏହି ସମୟରେ ଖେଳାଳି କିଣିବା ପାଇଁ ଦଳର ନିଟ୍ ଖର୍ଚ୍ଚ ଥିଲା ୧୫୩.୨ ନିୟୁତ ପାଉଣ୍ଡ । ଅର୍ଥାତ୍ ବାର୍ଷିକ ହାରାହାରି ମାତ୍ର ୧୯.୨ ନିୟୁତ ପାଉଣ୍ଡ । ଏହି ଖର୍ଚ୍ଚରେ ଦଳ ପାଞ୍ଚଥର ପ୍ରିମିୟର ଲିଗ୍ ଚାମ୍ପିଅନ ହୋଇଥିଲା ଏବଂ ତିନିଥର ଚାମ୍ପିଅନ୍ସ ଲିଗ୍ ଫାଇନାଲ୍ ଖେଳି ଥରେ ବିଜୟୀ ହୋଇଥିଲା । ଫର୍ଗୁସନଙ୍କ ଶେଷ ଆଠଟି ସିଜନରେ ଦଳ କେବେ ଦ୍ୱିତୀୟ ସ୍ଥାନ ତଳକୁ ଖସିନଥିଲା । ଏହା ଦର୍ଶାଏ ଯେ କେବଳ ମହଙ୍ଗା ଖେଳାଳି କିଣିଲେ ସଫଳତା ମିଳେନାହିଁ । ଖେଳାଳି ଚୟନ, ଦଳର ସନ୍ତୁଳନ, ପ୍ରଶିକ୍ଷକଙ୍କ ଦୂରଦୃଷ୍ଟି ଓ ଦୀର୍ଘମିଆଦି ଯୋଜନା ହିଁ ଏକ ଦଳକୁ ଚାମ୍ପିଅନ କରିଥାଏ । ୨୦୧୩ରେ ଫର୍ଗୁସନ୍ ଅବସର ନେବା ପରେ ଏହି ବ୍ୟବସ୍ଥା ଦୁର୍ବଳ ହୋଇପଡ଼ିଥିଲା ।

୨.୨୭ ବିଲିୟନ ପାଉଣ୍ଡର କାରବାର

ଫର୍ଗୁସନଙ୍କ ବିଦାୟ ପରେ ମାଞ୍ଚେଷ୍ଟର ୟୁନାଇଟେଡ୍ ଖେଳାଳି କିଣିବାରେ ଖୋଲା ହାତରେ ଖର୍ଚ୍ଚ କରିଛି । ୧୩ଟି ପୂର୍ଣ୍ଣ ସିଜନରେ ଦଳ ଖେଳାଳି କିଣିବା ପାଇଁ ୨.୨୭ ବିଲିୟନ ପାଉଣ୍ଡ ବ୍ୟୟ କରିଛି । ଏହି ସମୟରେ ଖେଳାଳି ବିକ୍ରିରୁ ମିଳିଛି ମାତ୍ର ୫୮୬ ନିୟୁତ ପାଉଣ୍ଡ । ଫଳରେ ନିଟ୍ ଖର୍ଚ୍ଚ ୧.୬୮ ବିଲିୟନ ପାଉଣ୍ଡରେ ପହଞ୍ଚିଛି । ବାର୍ଷିକ ହାରାହାରି ନିଟ୍ ଖର୍ଚ୍ଚ ୧୨୯.୩ ନିୟୁତ ପାଉଣ୍ଡ । ଫର୍ଗୁସନଙ୍କ ସମୟର ହାରାହାରି ଖର୍ଚ୍ଚ ତୁଳନାରେ ଏହା ପ୍ରାୟ ସାତଗୁଣ ଅଧିକ । କିନ୍ତୁ ଏହି ବିପୁଳ ନିବେଶର ପ୍ରତିବଦଳରେ ଦଳ ଗୋଟିଏ ହେଲେ ପ୍ରିମିୟର ଲିଗ୍ ଟ୍ରଫି ଜିତିପାରିନାହିଁ । ଏହି ଖର୍ଚ୍ଚରେ ଖେଳାଳିଙ୍କ ପାଇଁ ପ୍ରକୃତରେ ଦିଆଯାଇଥିବା ଅର୍ଥ ଓ କିସ୍ତି ମଧ୍ୟ ସାମିଲ । କେବଳ ଘୋଷିତ ଟ୍ରାନ୍ସଫର ଫି' ନୁହେଁ । ଏହା ଦଳର ଆର୍ଥିକ ବିଫଳତାକୁ ଆହୁରି ସ୍ପଷ୍ଟ କରିଛି ।

ମହଙ୍ଗା ଖେଳାଳି, ଦୁର୍ବଳ ଦର୍ଶନ

ଡେଭିଡ୍ ମୋୟେସଙ୍କ ପରେ ଲୁଇସ୍ ଭାନ୍ ଗାଲ୍ ଦଳର ଦାୟିତ୍ୱ ନେଇଥିଲେ । ତାଙ୍କ ସମୟରେ ଆଞ୍ଜେଲ ଡି ମାରିଆଙ୍କୁ ୫୯.୭ ନିୟୁତ ପାଉଣ୍ଡ ଏବଂ ମାତ୍ର ୧୮ ବର୍ଷ ବୟସର ଆନ୍ଥୋନି ମାର୍ସିଆଲଙ୍କୁ ପ୍ରାରମ୍ଭିକ ୩୬ ନିୟୁତ ପାଉଣ୍ଡରେ ଦଳରେ ସାମିଲ କରାଯାଇଥିଲା । ପରବର୍ତ୍ତୀ ସମୟରେ ଜୋସେ ମୋରିନୋଙ୍କ ନେତୃତ୍ୱରେ ପଲ୍ ପୋଗବାଙ୍କୁ ୮୯ ନିୟୁତ ପାଉଣ୍ଡରେ ଫେରାଇ ଅଣାଯାଇଥିଲା । ଏଠାରେ ଏକ ଅଜବ ଘଟଣା ଘଟିଥିଲା । ୟୁନାଇଟେଡ୍ ପୂର୍ବରୁ ପୋଗବାଙ୍କୁ ବିନା ଟ୍ରାନ୍ସଫର ଫି'ରେ ଦଳ ଛାଡ଼ିବାକୁ ଦେଇଥିଲା । ପରେ ସେହି ଖେଳାଳିଙ୍କୁ ପୁଣି ଫେରାଇ ଆଣିବା ପାଇଁ ୮୯ ନିୟୁତ ପାଉଣ୍ଡ ଖର୍ଚ୍ଚ କଲା । ଶେଷରେ ସେ ପୁଣି ବିନା ଟ୍ରାନ୍ସଫର ଫି'ରେ ଦଳ ଛାଡ଼ିଥିଲେ । ଏହା କ୍ଲବ୍ର ଖେଳାଳି ପରିଚାଳନାଗତ ତ୍ରୁଟିର ଏକ ବଡ଼ ଉଦାହରଣ । ମୋରିନୋଙ୍କ ସମୟରେ ରୋମେଲୁ ଲୁକାକୁଙ୍କ ପାଇଁ ୭୫ ନିୟୁତ ପାଉଣ୍ଡ ଖର୍ଚ୍ଚ ହୋଇଥିଲା । ତାଙ୍କ ପରେ ଓଲେ ଗୁନାର ସୋଲସ୍କଜାଏର ଦଳର ଦାୟିତ୍ୱ ନେଇଥିଲେ । ସେ ହ୍ୟାରି ମାଗୁଏରଙ୍କୁ ୮୦ ନିୟୁତ ଏବଂ ଜାଡନ୍ ସାଞ୍ଚୋଙ୍କୁ ୭୩ ନିୟୁତ ପାଉଣ୍ଡରେ କିଣିଥିଲେ । ସେହି ସମୟରେ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ପ୍ରତ୍ୟାବର୍ତ୍ତନ ମଧ୍ୟ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା । ତାଙ୍କୁ ପ୍ରାରମ୍ଭିକ ୧୨.୮ ନିୟୁତ ପାଉଣ୍ଡରେ ଦଳକୁ ଅଣାଯାଇଥିଲା । ତାଙ୍କ ପ୍ରତ୍ୟାବର୍ତ୍ତନ ଫୁଟବଲ୍ ଜଗତରେ ଉତ୍ସାହ ସୃଷ୍ଟି କରିଥିଲା । ତେବେ ପରବର୍ତ୍ତୀ ସମୟରେ ଦଳର ପରିଚାଳନା ସହ ମତଭେଦ ଏବଂ ବିବାଦ ପରେ ତାଙ୍କ ଚୁକ୍ତି ପାରସ୍ପରିକ ସହମତିରେ ବାତିଲ ହୋଇଥିଲା । ଏରିକ୍ ଟେନ୍ ହାଗଙ୍କ ସମୟରେ ମଧ୍ୟ ଦଳର ଟ୍ରାନ୍ସଫର ନୀତିରେ ପରିବର୍ତ୍ତନ ହୋଇନଥିଲା । ଆଣ୍ଟୋନିଙ୍କ ପାଇଁ ୮୧ ନିୟୁତ ପାଉଣ୍ଡ ଏବଂ ରାସମସ୍ ହୋଇଲୁଣ୍ଡଙ୍କ ପାଇଁ ୭୨ ନିୟୁତ ପାଉଣ୍ଡ ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥିଲା । ଏହି ଖେଳାଳିମାନଙ୍କ ମଧ୍ୟରୁ କେତେକ ଆଶାନୁରୂପ ପ୍ରଦର୍ଶନ କରିପାରିନଥିଲେ । ଏହି ବିପୁଳ ଖର୍ଚ୍ଚ ମଧ୍ୟରେ ବ୍ରୁନୋ

ଫର୍ଣ୍ଣାଣ୍ଡେସଙ୍କୁ ଦଳର ସବୁଠୁ ସଫଳ ନିବେଶ ଭାବେ ବିବେଚନା କରାଯାଉଛି । ତାଙ୍କର ଖେଳ ଦକ୍ଷତା, ନେତୃତ୍ୱ ଓ ଗୋଲ୍ ସୃଷ୍ଟି କରିବାର କ୍ଷମତା ଦଳ ପାଇଁ ଉପଯୋଗୀ ହୋଇଛି । ହ୍ୟାରି ମାଗୁଏର ଏବଂ କିଛି ପରିମାଣରେ ପଲ୍ ପୋଗବାଙ୍କ ପ୍ରଦର୍ଶନକୁ ମଧ୍ୟ ସଫଳତାର ଉଦାହରଣ ଭାବେ ଧରାଯାଇଛି ।

୧୦୮ ନିୟୁତ ପାଉଣ୍ଡରୁ ଅଧିକ ଖର୍ଚ୍ଚ

ଖେଳାଳି କିଣା ଭଳି ପ୍ରଶିକ୍ଷକ ନିଯୁକ୍ତି ଓ ବିଦାୟରେ ମଧ୍ୟ କ୍ଲବ୍ ଖର୍ଚ୍ଚ ଅତ୍ୟଧିକ । ଏକ ଗଣନା ଅନୁସାରେ ଫର୍ଗୁସଙ୍କ ଅବସର ପରଠାରୁ ପ୍ରଶିକ୍ଷକ, କୋଚ୍ ଓ ବରିଷ୍ଠ କର୍ମଚାରୀଙ୍କ ନିଯୁକ୍ତି ଏବଂ ବିଦାୟ ପାଇଁ ୧୦୮ ନିୟୁତ ପାଉଣ୍ଡରୁ ଅଧିକ ଖର୍ଚ୍ଚ ହୋଇଛି । ଏଥିରେ ସେମାନଙ୍କ ଦରମା ସାମିଲ ନୁହେଁ । ଡେଭିଡ୍ ମୋୟେସଙ୍କ ବିଦାୟ ପାଇଁ ୪.୯ ନିୟୁତ ପାଉଣ୍ଡ, ଭାନ୍ ଗାଲଙ୍କ ପାଇଁ ୮.୪ ନିୟୁତ, ମୋରିନୋଙ୍କ ପାଇଁ ୧୯.୬ ନିୟୁତ ଏବଂ ସୋଲସ୍କ୍ଜାଏରଙ୍କ ପାଇଁ ୯.୧ ନିୟୁତ ପାଉଣ୍ଡ ଖର୍ଚ୍ଚ ହୋଇଥିଲା । ଏହାବ୍ୟତୀତ ଟେନ୍ ହାଗଙ୍କ ବିଦାୟ ପାଇଁ ୧୦.୪ ନିୟୁତ ପାଉଣ୍ଡ ଦିଆଯାଇଥିଲା । ପରେ ରୁବେନ୍ ଆମୋରିମଙ୍କୁ ଆଣିବା ପାଇଁ ସ୍ପୋର୍ଟିଂ କ୍ଲବକୁ ପ୍ରାୟ ୯.୨ ନିୟୁତ ପାଉଣ୍ଡ ଦେବାକୁ ପଡ଼ିଥିଲା । ତାଙ୍କ ବିଦାୟ ଓ ପରିଚାଳନାଗତ ପୁନର୍ଗଠନରେ ଆହୁରି ୮.୨ ନିୟୁତ ପାଉଣ୍ଡ ଖର୍ଚ୍ଚ ହୋଇଥିବା ଆକଳନ କରାଯାଇଛି । ଏହି ଘଟଣାଗୁଡ଼ିକ ଦର୍ଶାଉଛି ଯେ କ୍ଲବ୍ରେ ଦୀର୍ଘମିଆଦି ଯୋଜନାର ଅଭାବ ରହିଛି । ପ୍ରତ୍ୟେକ ନୂଆ ପ୍ରଶିକ୍ଷକ ନିଜ ପସନ୍ଦର ଖେଳାଳି ଆଣିଛନ୍ତି । ପୂର୍ବ ପ୍ରଶିକ୍ଷକଙ୍କ ଆଣିଥିବା ଖେଳାଳିଙ୍କୁ ଅନେକ ସମୟରେ ନୂଆ ପ୍ରଶିକ୍ଷକ ନିଜ ଯୋଜନାରେ ସାମିଲ କରିପାରିନାହାନ୍ତି । ଫଳରେ ପୁଣି ନୂଆ ଖେଳାଳି କିଣିବାକୁ ପଡ଼ିଛି ।

ଋଣଭାରରୁ ମୁକ୍ତି ମିଳୁନାହିଁ

ମାଞ୍ଚେଷ୍ଟର ୟୁନାଇଟେଡ୍ର ଆର୍ଥିକ ସମସ୍ୟା ବୁଝିବାକୁ ହେଲେ ୨୦୦୫ରେ ଗ୍ଲେଜର ପରିବାରର ମାଲିକାନା ଗ୍ରହଣ ସମୟକୁ ଦେଖିବାକୁ ପଡ଼ିବ । ଏହି ଅଧିଗ୍ରହଣ ଋଣ ଆଧାରିତ ଥିବାରୁ କ୍ଲବ୍ ଉପରେ ବିପୁଳ ଋଣଭାର ଚାପି ହୋଇଥିଲା । ଫର୍ଗୁସନଙ୍କ ଶେଷ ଆଠଟି ସିଜନରେ ଦଳ ଋଣର ସୁଧ ବାବଦରେ ୪୯୫.୫ ନିୟୁତ ପାଉଣ୍ଡ ଦେଇଥିଲା । ଏହା ଖେଳାଳି କିଣାରେ ଖର୍ଚ୍ଚ ହୋଇଥିବା ଅର୍ଥଠାରୁ ମଧ୍ୟ ଅଧିକ । ଫର୍ଗୁସନଙ୍କ ଅବସର ପରେ ଏହି ଋଣର ସୁଧ ବାବଦରେ ଆଉ ୩୪୭.୭ ନିୟୁତ ପାଉଣ୍ଡ ଦିଆଯାଇଛି । ଏହା ସହ ଅଂଶୀଦାରଙ୍କୁ ୧୫୬.୨ ନିୟୁତ ପାଉଣ୍ଡ ଲାଭାଂଶ



ପ୍ରଦାନ କରାଯାଇଛି । ଉଭୟକୁ ମିଶାଇଲେ ଏହି ଅର୍ଥ ୫୦୩.୯ ନିୟୁତ ପାଉଣ୍ଡ । ୨୦୧୩ ଜୁନରେ କ୍ଲବର ମୋଟ ଋଣ ୩୮୯.୨ ନିୟୁତ ପାଉଣ୍ଡ ଥିଲା । ୨୦୨୬ ଜୁନରେ ଏହା ବୃଦ୍ଧି ପାଇ ପ୍ରାୟ ୬୮୯ ନିୟୁତ ପାଉଣ୍ଡରେ ପହଞ୍ଚିଛି । ଅନ୍ୟପଟେ ନଗଦ ଅର୍ଥ ମାତ୍ର ୬୭.୨ ନିୟୁତ ପାଉଣ୍ଡ ରହିଛି । ଏହା ଦଳର ଆର୍ଥିକ ସ୍ଥିତି ଉପରେ ଚାପ ସୃଷ୍ଟି କରୁଛି ।

ରେକର୍ଡ ଆୟ, ତଥାପି କ୍ଷତି

ମାଞ୍ଚେଷ୍ଟର ୟୁନାଇଟେଡ୍ର ବ୍ରାଣ୍ଡ ମୂଲ୍ୟ ଏବେ ମଧ୍ୟ ବିଶ୍ୱ ଫୁଟବଲ୍ରେ ଅତ୍ୟନ୍ତ ଶକ୍ତିଶାଳୀ । ମଇଦାନରେ ସଫଳତା ନଥିଲେ ମଧ୍ୟ ଦଳର ବାଣିଜ୍ୟିକ ଆୟ ଉପରେ ଏହାର ବିଶେଷ ପ୍ରଭାବ ପଡ଼ିନାହିଁ । ଫର୍ଗୁସନଙ୍କ ଶେଷ ସିଜନରେ ଦଳର ଆୟ ୩୬୩.୨ ନିୟୁତ ପାଉଣ୍ଡ ଥିଲା । ୨୦୨୫-୨୬ ସିଜନ୍ରେ ଏହା ବୃଦ୍ଧି ପାଇ ୬୭୭.୬ ନିୟୁତ ପାଉଣ୍ଡର ରେକର୍ଡ ସ୍ତରରେ ପହଞ୍ଚିଥିଲା । ଏହି ସିଜନ୍ରେ ଦଳ ୟୁରୋପୀୟ ପ୍ରତିଯୋଗିତା ମଧ୍ୟ ଖେଳିନଥିଲା । ତଥାପି ଦଳ କ୍ରମାଗତ ସପ୍ତମ ବର୍ଷ ପାଇଁ କ୍ଷତି ସହିଛି । ଏହି ସମୟରେ ମୋଟ କ୍ଷତି ୪୪୪ ନିୟୁତ ପାଉଣ୍ଡରେ ପହଞ୍ଚିଛି । ୨୦୨୫-୨୬ ସିଜନ୍ରେ ୨୨.୬ ନିୟୁତ ପାଉଣ୍ଡର ପରିଚାଳନାଗତ ଲାଭ ହୋଇଥିଲେ ମଧ୍ୟ ଆର୍ଥିକ ଖର୍ଚ୍ଚ ବାବଦରେ ୬୯.୬ ନିୟୁତ ପାଉଣ୍ଡ ଦେବାକୁ ପଡ଼ିଥିଲା । ଫଳରେ ଟିକସ ପୂର୍ବ କ୍ଷତି ୪୭ ନିୟୁତ ପାଉଣ୍ଡ ହୋଇଥିଲା । ଟିକସ ସୁବିଧା ପରେ ମଧ୍ୟ ନିଟ୍ କ୍ଷତି ୪୩ ନିୟୁତ ପାଉଣ୍ଡ ରହିଥିଲା । ଖେଳାଳି କିଣା ପାଇଁ ପୂର୍ବରୁ ଖର୍ଚ୍ଚ ହୋଇଥିବା ଅର୍ଥର ପ୍ରଭାବ ମଧ୍ୟ କ୍ଲବ୍ର ହିସାବ ଖାତାରେ ରହିଛି । ଖେଳାଳିଙ୍କ ଚୁକ୍ତି ଅବଧି ଅନୁସାରେ ଟ୍ରାନ୍ସଫର ଫି'କୁ ବାର୍ଷିକ ଖର୍ଚ୍ଚ ଭାବେ ହିସାବ କରାଯାଏ । ୨୦୨୫-୨୬ରେ ଏହି ଖର୍ଚ୍ଚ ୨୧୧.୮ ନିୟୁତ ପାଉଣ୍ଡ ଥିଲା । ଅର୍ଥାତ୍ ପୂର୍ବରୁ କିଣାଯାଇଥିବା ଖେଳାଳିଙ୍କ ଖର୍ଚ୍ଚ ନୂଆ ପ୍ରଶିକ୍ଷକ ଆସିବା ପରେ ମଧ୍ୟ କ୍ଲବ୍ର ହିସାବକୁ ପ୍ରଭାବିତ କରୁଛି ।

ମାଞ୍ଚେଷ୍ଟର ସିଟି ସହ ତୁଳନା

ମାଞ୍ଚେଷ୍ଟର ୟୁନାଇଟେଡ୍ର ବିଫଳତାକୁ ଆହୁରି ସ୍ପଷ୍ଟ କରୁଛି ସହରର ଅନ୍ୟ କ୍ଲବ୍ ମାଞ୍ଚେଷ୍ଟର ସିଟିର ସଫଳତା । ସିଟି ବିରୋଧରେ ୯୦୦ ନିୟୁତ ପାଉଣ୍ଡରୁ ଅଧିକ ଆୟକୁ କୃତ୍ରିମ ଭାବେ ବଢ଼ାଇବା ଓ ଖର୍ଚ୍ଚ କମ୍ ଦେଖାଇବା ସମ୍ପର୍କିତ ଆର୍ଥିକ ଅନିୟମିତତା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବାର ରାୟ ଆସିଛି । ଏହି ରାୟ ବିରୋଧରେ ସିଟି ଅପିଲ୍ କରୁଛି । ତଥାପି ମଇଦାନରେ ସିଟି ଟ୍ରଫି ଜିତିଛି, ଯେଉଁଠାରେ ୟୁନାଇଟେଡ୍ର ବିପୁଳ ଖର୍ଚ୍ଚ ସତ୍ତ୍ୱେ ପ୍ରିମିୟର ଲିଗ୍ ଟାଇଟଲ୍ ଶୂନ୍ୟ ରହିଛି । ଏହି ତୁଳନା ଫୁଟବଲ୍ ପରିଚାଳନାର ଏକ ବଡ଼ ବିଡ଼ମ୍ବନାକୁ ସାମ୍ନାକୁ ଆଣିଛି ।

ନୂଆ ଆଶା ନା ଆଉ ଏକ ପରୀକ୍ଷା?

ପ୍ରଶିକ୍ଷକଙ୍କ ନିଯୁକ୍ତି ଓ ବିଦାୟର ଏହି ଧାରା ମଧ୍ୟରେ ମୌରିସିଓ ପୋଚେଟିନୋଙ୍କ ନାମକୁ ନେଇ ନୂଆ ଆଲୋଚନା ଆରମ୍ଭ ହୋଇଛି । ଟୋଟେନହାମ୍ ହଟ୍ସ୍ପୁର୍ଙ୍କୁ ଚାମ୍ପିଅନ୍ସ ଲିଗ୍ ଫାଇନାଲ୍ ପର୍ଯ୍ୟନ୍ତ ନେଇଥିବା ପୋଚେଟିନୋ ଜଣେ ଦକ୍ଷ ପ୍ରଶିକ୍ଷକ । ତେବେ ଆମେରିକା ପୁରୁଷ ଜାତୀୟ ଫୁଟବଲ୍ ଦଳ ସହ ତାଙ୍କର ଚୁକ୍ତି ଥିବାରୁ ତାଙ୍କୁ ଆଣିବା ପାଇଁ ମଧ୍ୟ କ୍ଲବ୍କୁ ପ୍ରାୟ ୭.୪ ନିୟୁତ ପାଉଣ୍ଡ ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ଆକଳନ କରାଯାଇଛି । ଏହା ସହ ପୂର୍ବ ପ୍ରଶିକ୍ଷକ ମାଇକେଲ୍ କାରିକ୍ ଓ ତାଙ୍କ ସହଯୋଗୀଙ୍କ ବିଦାୟ ପାଇଁ ଅତି କମ୍ରେ ୫ ନିୟୁତ ପାଉଣ୍ଡ ଖର୍ଚ୍ଚ ହେବାର ଆକଳନ ରହିଛି । ଅର୍ଥାତ୍ ଆଉ ଏକ ପରିବର୍ତ୍ତନ ପାଇଁ ପ୍ରାୟ ୧୨.୪ ନିୟୁତ ପାଉଣ୍ଡର ବ୍ୟୟ ହୋଇପାରେ । ଏଠାରେ ପ୍ରଶ୍ନ ଉଠୁଛି, ପ୍ରତ୍ୟେକ ନୂଆ ପ୍ରଶିକ୍ଷକଙ୍କୁ ଦାୟିତ୍ୱ ଦେବା ପରେ ତାଙ୍କ ଯୋଜନାକୁ ସଫଳ କରିବା ପାଇଁ କ୍ଲବ୍ କାହିଁକି ଧୈର୍ଯ୍ୟ ଧରିପାରୁନାହିଁ? ଦଳରେ ଜଣେ ନିୟମିତ ଗୋଲ୍ ସ୍କୋରର୍, ଲୁକ୍ ଶଙ୍କ ପାଇଁ ଉପଯୁକ୍ତ ବିକଳ୍ପ ଏବଂ କାସେମିରୋଙ୍କ ସ୍ଥାନ ପୂରଣ କରିବା ଭଳି ଖେଳାଳିଙ୍କ ଆବଶ୍ୟକତା ରହିଛି । ଏହି ମୂଳ ସମସ୍ୟାଗୁଡ଼ିକର ସମାଧାନ ନକରି ପ୍ରଶିକ୍ଷକ ବଦଳାଇବା ଦଳକୁ ପୁଣି ସେହି ପୁରୁଣା ସ୍ଥିତିକୁ ଫେରାଇ ନେଇପାରେ ।



ଆଲେକ୍ସ ଫର୍ଗୁସନ

ବଣ୍ଡ-୦୦୭

ଦୀର୍ଘ ମାସ ଧରି ୱାର୍ଲ୍ଡ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଲାଗି ରହିଥିବା ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ବିଶ୍ୱପ୍ରସିଦ୍ଧ ବ୍ରିଟିଶ ଗୁପ୍ତଚର 'ଜେମ୍ସ ବଣ୍ଡ' (୦୦୭) ଚରିତ୍ର ପାଇଁ ନୂଆ ଅଭିନେତାଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି ।



ଲୋକପ୍ରିୟ ହଲିଉଡ ଅଭିନେତା ରବଟ ପ୍ୟାଟିନସନଙ୍କୁ ପରବର୍ତ୍ତୀ ଜେମ୍ସ ବଣ୍ଡ ଭାବେ ଚୟନ କରାଯାଇଛନ୍ତି । ଏହି ଘୋଷଣା ପରେ ରବଟ ପୂର୍ବତନ ବଣ୍ଡ ତାରକା ଡାନିଏଲ କ୍ରେଗଙ୍କ ସ୍ଥାନ ନେବାକୁ ଯାଉଛନ୍ତି । ସୋମବାର ନଭେମ୍ବର ୧୬ ତାରିଖରେ ଜେମ୍ସ ବଣ୍ଡର ଅଫିସିଆଲ ସୋସିଆଲ ମିଡିଆ ଆକାଉଣ୍ଟ ଜରିଆରେ ଏହି ବଡ଼ ଘୋଷଣା କରାଯିବା ପରେ ସାରା ବିଶ୍ୱର ସିନେପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ୪୦ ବର୍ଷୀୟ ପ୍ୟାଟିନସନ ଏହି ଐତିହାସିକ ଫିଲ୍ମ ଫ୍ରାଞ୍ଚାଇଜରେ '୦୦୭' ଭୂମିକାରେ ଅଭିନୟ କରିବାରେ ସପ୍ତମ ଅଭିନେତା ହେବାର ଗୌରବ ଅର୍ଜନ କରିଛନ୍ତି । ରବଟ ପ୍ୟାଟିନସନଙ୍କ ଏହି ଚୟନ ବଣ୍ଡ ଫ୍ରାଞ୍ଚାଇଜରେ ଏକ ସମ୍ପୂର୍ଣ୍ଣ ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛି । ପ୍ରଯୋଜନା ସଂସ୍ଥା ପକ୍ଷରୁ ଏହି ସିରିଜର ୨୬ତମ ଆନୁଷ୍ଠାନିକ ଚଳଚ୍ଚିତ୍ର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ଉଲ୍ଲେଖଯୋଗ୍ୟ ଯେ, ଏହି ରେସରେ ହେନେରୀ କାଭିଲ, ଆରୋନ ଟେଲର-ଜନସନ, ଇଦ୍ରିସ ଏଲବା, ଥିଓ ଜେମ୍ସ, କାଲମ ଟର୍ନର, ଜୋସ ଓ'କନର, ଜ୍ୟାକ ଲୋଡେନ ଏବଂ ନିକୋଲାସ ହୋଲ୍ଟଙ୍କ ଭଳି ବହୁ ନାମୀଦାମୀ ଓ ଦକ୍ଷ କଳାକାରଙ୍କ ନାମ ଚର୍ଚ୍ଚାରେ ରହିଥିଲା, କିନ୍ତୁ ଶେଷରେ ସମସ୍ତଙ୍କୁ ପଛରେ ପକାଇ ପ୍ୟାଟିନସନ ଏହି ପ୍ରସିଦ୍ଧ ଭୂମିକାକୁ ନିଜ ନାଁରେ କରିବାରେ ସଫଳ ହୋଇଛନ୍ତି । ଆଗାମୀ ଜେମ୍ସ ବଣ୍ଡ ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ହଲିଉଡର ପ୍ରଖ୍ୟାତ ନିର୍ଦ୍ଦେଶକ ଡେନିସ ଭିଲେନ୍ୟୁଭଙ୍କୁ ଦିଆଯାଇଛି, ଯିଏକି 'ଡ୍ୟୁନ୍', 'ଡ୍ୟୁନ୍: ପାର୍ଟ ଟୁ' ଏବଂ 'ପ୍ରିଜନର୍ସ' ଭଳି ବିଶ୍ୱସ୍ତରୀୟ ସୁପରହିଟ୍ ଓ ସମାଲୋଚକଙ୍କ ଦ୍ୱାରା ପ୍ରଶଂସିତ ଫିଲ୍ମ ନିର୍ମାଣ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ରବଟ ପ୍ୟାଟିନସନ ୨୦୦୫ ମସିହାରେ ମୁକ୍ତିଲାଭ କରିଥିବା 'ହ୍ୟାରି ପୋଟର ଆଣ୍ଡ ଦ ଗବଲେଟ ଅଫ୍ ଫାୟାର' ଚଳଚ୍ଚିତ୍ରରେ ସେଡ୍ରିକ ଡିଗୋରୀ ଭୂମିକାରେ ଅଭିନୟ କରି ପ୍ରଥମେ ଦର୍ଶକଙ୍କ ନଜରକୁ ଆସିଥିଲେ। ପରବର୍ତ୍ତୀ ସମୟରେ 'ଟ୍ୱାଇଲାଇଟ' ଫିଲ୍ମ ସିରିଜରେ ଏଡୱାର୍ଡ କୁଲେନଙ୍କ ଚରିତ୍ରରେ ଅଭିନୟ କରି ସେ ଯୁବପିଢ଼ିଙ୍କ ମଧ୍ୟରେ ଲୋକପ୍ରିୟତା ହାସଲ କରିଥିଲେ । ଏହାସହ ଅନ୍ତର୍ଜାତୀୟ ସ୍ତରରେ ଜଣେ ବଡ଼ ଷ୍ଟାର ଭାବେ ଉଭା ହୋଇଥିଲେ । କେବଳ ବଡ଼ ବଜେଟର ବ୍ୟବସାୟିକ ଫିଲ୍ମରେ ନିଜକୁ ସୀମିତ ନ ରଖି ସେ 'ଗୁଡ୍ ଟାଇମ୍', 'ଦ ଲାଇଟହାଉସ' (୨୦୧୯) ଏବଂ ଖ୍ରୀଷ୍ଟୋଫର ନୋଲାନଙ୍କ 'ଟେନେଟ' (୨୦୨୦) ଭଳି ଭିନ୍ନ ଧରଣର ଚରିତ୍ରରେ ମଧ୍ୟ ଅଭିନୟ କରିଛନ୍ତି । ଏହାପରେ ୨୦୨୨ ମସିହାରେ ମ୍ୟାଟ ରିଭ୍ସଙ୍କ ନିର୍ଦ୍ଦେଶିତ 'ଦ ବ୍ୟାଟମ୍ୟାନ'ରେ ବ୍ରୁସ୍ ୱେନ୍ ତଥା ବ୍ୟାଟମ୍ୟାନ ଚରିତ୍ରରେ ତାଙ୍କର ଗମ୍ଭୀର ଅଭିନୟ ଦର୍ଶକ ଓ ସମାଲୋଚକଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲା । ଯାହା ତାଙ୍କୁ ଜେମ୍ସ ବଣ୍ଡ ଭଳି ଏକ ଚ୍ୟାଲେଞ୍ଜିଂ ଭୂମିକା ପାଇଁ ଯୋଗ୍ୟ ବିବେଚିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ।